ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK  ପର୍ଯବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.110 Bhubaneswar Friday June 10 2022 | ୨୫ତମ ବର୍ଷ ସଂଖ୍ୟା-୧୧୦ ଭୁବନେଶ୍ୱର, ଶୁକ୍ରବାର, ଜୁନ ୧୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ଓୟୁଡବ୍ଲ୍ୟୁଜେ ସମ୍ବାଦିକ ସଂଘର ସଭାପତି ସଞ୍ଜୟ ଦାସ, ସାଧାରଣ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷକେ ନିତ୍ୟ ନିରଞ୍ଜନ ପଣ୍ଡା, ମହିଳା ଶାଖା ଅଧ୍ୟକ୍ଷା ରିନା ଗଡ଼ନାୟକ, କାର୍ଯ୍ୟାଳୟ ସମ୍ପାଦକ ଅଧିର ନନ୍ଦ, ଉପାଧ୍ୟକ୍ଷ ପ୍ରଦ୍ୟୁନ ଦାସ ଏବଂ ରଜନୀକାନ୍ତ ସାମନ୍ତରାୟ ମାନ୍ୟବର ପର୍ଯ୍ୟଟନ ଓ ଅଶ୍ୱିନୀ ପାତ୍ରଙ୍କୁ ଶୁଭେଚ୍ଛା ଜଣାଉଛନ୍ତି

## ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ



ନୂଆଦିଲ୍ଲୀ,୯ ।୬(ପି.ଏନ): ଆସନ୍ତା ଜୁଲାଇ ୧୮ ତାରିଖରେ ହେବ ରାଷ୍ଟ୍ରପତି ନିର୍ବାଚନ। ଆଜି ମୁଖ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ଆସନ୍ତା ଜୁଲାଇ ୨୪ରେ ସରୁଛି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ। ଜୁଲାଇ ୨୫ରେ ନବନିର୍ବାଚିତ ରାଷ୍ଟ୍ରପତି ଶପଥ ନେବେ।ରାଷ୍ଟ୍ରପତି ନିର୍ବାଚନ ପାଇଁ ଜୁନ ୧୫ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଜୁନ ୨୯ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିପାରିବେ ପ୍ରାର୍ଥୀ। ଜୁନ ୩୦ରେ ନାମାଙ୍କନ ଯାଞ୍ଚ ହେବ। ଜୁଲାଇ ୨ ପର୍ଯ୍ୟନ୍ତ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରାଯାଇପାରିବ। ଜୁଲାଇ ୨୧ରେ ଭୋଟ ଗଣତି ହେବ। ଜୁଲାଇ ୨୪ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବ ଓ ଜୁଲାଇ ୨୫ରେ ନୂଆ ରାଷ୍ଟ୍ରପତି ଶପଥ ଗ୍ରହଣ କରିବେ ବୋଲି ମୁଖ୍ୟ ନର୍ବାଚନ କମିଶନ କହିଛନ୍ତି ।ଜଣେ ପ୍ରାର୍ଥୀଙ୍କୁ ପ୍ରାର୍ଥିପତ୍ର ସହ ୫୦ ଜଣ ପ୍ରସ୍ତାବକ ଦେବାକୁ ପଡ଼ିବ। ୫୦ ପ୍ରସ୍ତାବକ ଓ ୫୦ ସମର୍ଥକ ଦେଇ ନାମାଙ୍କନ କରିବାକୁ ପଡ଼ିବ। ସାଂସଦ ମାନେ ସଂସଦରେ, ବିଧାୟକମାନେ ବିଧାନସଭାରେ ଭୋଟଦେବେ। ୪୦୩୩ ବିଧାୟକ ଏହି ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ। ମୋଟ ୪୮୦୯ ଜଣ ଭୋଟର ବାଛିବେ ଦେଶର ଆଗାମୀ ରାଷ୍ଟ୍ରପତି। ଏହି ଭୋଟିଂ ଗୋପନୀୟ ରହିବ ।ଭୋଟ ଦେବା ପାଇଁ ଆୟୋଗ ତାଙ୍କ ତରଫରୁ ପାନ୍ ପ୍ରଦାନ କରିବେ। ଅନ୍ୟ ପେନ୍ ?ର ବ୍ୟବହାର କରିଥିଲେ, ଭୋଟ୍ ଗଣିବା ସମୟରେ ଉକ୍ତ ଭୋଟ୍ ଅବୈଧ ଘୋଷିତ ହେବ। ସମସ୍ତ ଦଳ ନିଜ ନିଜ ସଦସ୍ୟଙ୍କ ପାଇଁ କୌଣସି ହ୍ୱିପ କରିପାରିବେ ନାହିଁ ବୋଲି ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ଘୋଷଣା କରିଛନ୍ତି ।ଦେଶର ସାଂସଦ ଓ ବିଧାୟକମାନଙ୍କୁ ନେଇ ଗଠିତ ଇଲେକ୍ଟୋରାଲ କଲେଜ ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାନ୍ତି । ଏହି ଇଲେକ୍ଟୋରାଲ କଲେଜରେ ୭୭୬ ଜଣ ସାଂସଦ ଏବଂ ସମସ୍ତ ରାଜ୍ୟ ବିଧାନସଭାର ସଦସ୍ୟ ଅନ୍ତର୍ଭୁକ୍ତ।

### ଆସାମ କ୍ୟାବିନେଟ୍ ସମ୍ପ୍ରସାରଣ ପରେ କେତେକ ମନ୍ତ୍ରୀଙ୍କ ବିଭାଗରେ କରାଗଲା ଅଦଳବଦଳ

ଗୌହାଟୀ,୯ ।୬(ପି.ଏନ): ଆସାମ ମନ୍ତ୍ରିମଣ୍ଡଳର ନୂଆ ମନ୍ତ୍ରୀ ନନ୍ଦିତା ଗାର୍ଲୋସା ଏବଂ ଜୟନ୍ତ ମଲ୍ଲା ବରୁଆ ଗୁରୁବାର ଦିନ ପଦ ଏବଂ ଗୋପନୀୟତାର ଶପଥ ନେଇଛନ୍ତି । ଶପଥ ଗ୍ରହଣ ସମାରୋହ ଗୁରୁବାର ଦିନ ଦ୍ୱିପହର ୩ଟାରେ ଶ୍ରୀମନ୍ତ ଶଙ୍କରଦେବ କଳାକ୍ଷେତ୍ରର ଅନ୍ତରାଷ୍ଟ୍ରୀୟ ଅଡିଟୋରିୟମ୍‌ରେ ଆୟୋଜିତ ହୋଇଛି। ଆସାମର ମୁଖ୍ୟମନ୍ତ୍ରୀ ଡା. ହେମନ୍ତ ବିଶ୍ୱ ସରମା ଏବଂ ଅନ୍ୟ କ୍ୟାବିନେଟ୍ ମନ୍ତ୍ରୀଙ୍କ ଉପସ୍ଥିତିରେ ରାଜ୍ୟପାଳ ପ୍ର. ଜଗଦୀଶ ମୁଖୀ ଦୁଇ ମନ୍ତ୍ରୀଙ୍କୁ ପଦର ଶପଥ ଦେବେ। ଦୁଇ ନୂଆ ମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ସମେତ କ୍ୟାବିନେଟ୍‌ର ସଂଖ୍ୟା ବଢ଼ି ୧୬ ହୋଇଛି।

### ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଅସୁସ୍ଥ

ଗଞ୍ଜାମ, ୯ ।୬(ପି.ଏନ): ଦୀର୍ଘ ୮ ବର୍ଷ ଧରି ବ୍ରହ୍ମପୁର ସର୍କଲ ଜେଲ୍ ରେ ବିଚାରାଧିନ କଏଦୀ ଭାବେ ଥିବା ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଅସୁସ୍ଥ ଥିବା ସୂଚନା ମିଳିଛି । ସେ ଗତ ଦୁଇ ମାସ ହେଲା କାନ ଓ ଦାନ୍ତ ଯନ୍ତ୍ରଣା ଯୋଗୁଁ ଚିକିତ୍ସିତ ହେଉଛନ୍ତି । ଦୁଇ ମାସ ମଧ୍ୟରେ ବ୍ରହ୍ମପୁର ଏମକେସିଜି କର୍ଣ୍ଣ, ନାଶା, ଗଳା ବିଭାଗରେ ସେ ୭ରୁ ୮ ଥର ଚିକିତ୍ସିତ ହେଲେଣି । ତାଙ୍କର ନୂଆ ଦାନ୍ତ ପ୍ରତିରୋପଣ ହୋଇପାରେ । କିନ୍ତୁ, ଏନେଇ କୌଣସି ତାରିଖ ନିର୍ଦ୍ଧାରିତ ହୋଇନାହିଁ । ଦାନ୍ତ ଓ କାନରେ ଯନ୍ତ୍ରଣା କାରଣରୁ ସେ ଜେଲ୍ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେଉଥିଲେ । ପରବର୍ତ୍ତି ସମୟରେ ଏମକେସିଜି ବିଶେଷଜ୍ଞଙ୍କ ନିକଟରେ ଚିକିତ୍ସିତ ହେଉଛନ୍ତି ।

### ୪ କୋଟିରୁ ଉର୍ଦ୍ଧ୍ୱ ସରକାରୀ ଅର୍ଥ ହେରଫେର୍ ମାମଲା

*ଯାଜପୁର ତହସିଲର ପୂର୍ବତନ ନାଜିର ଗିରଫ*

ଯାଜପୁର, ୯ ।୬(ପି.ଏନ): ୪ କୋଟିରୁ ଉର୍ଦ୍ଧ୍ୱ ସରକାରୀ ଅର୍ଥ ହେରଫେର୍ ମାମଲାରେ ସମ୍ପୃକ୍ତ ଥାଇ ୬ ବର୍ଷ ଧରି ଫେରାର୍ ଥିବା ଯାଜପୁର ତହସିଲର ପୂର୍ବତନ ନାଜିର ରଜତ ରାଉତରାୟଙ୍କୁ ଗିରଫ କରିଛି ଭିଜିଲାନ୍ସ। ରଜତ ଦୀର୍ଘ ବର୍ଷ ଧରି ପୋଲିସକୁ ଚକମା ଦେଇ ଆସୁଥିଲେ। ଚାକିରୀ କାଳରେ ୧.୪.୨୦୦୬ ଠାରୁ ୫.୪.୨୦୧୬ ପର୍ଯ୍ୟନ୍ତ ସେ ଯାଜପୁର ତହସିଲର ନାଜିର୍ ଥିବା ବେଳେ ତାଙ୍କ ବିରୋଧରେ ଆର୍ଥିକ ହେରଫେର୍ ନେଇ ଅଭିଯୋଗ ଆସିଥିଲା । ଏହାର ଅଡ଼ିଟ୍ ନିର୍ଦ୍ଦେଶ ଆସିବା ପରେ ଅଭିଯୁକ୍ତ ନାଜିର୍ ରଜତ ଫେରାର୍ ହୋଇଯାଇଥିଲେ । ତେବେ ସେ କଟକରେ ନିଜର ଦ୍ୱିତୀୟ ପତ୍ନୀଙ୍କ ଭଡ଼ାଘରେ ଥିବାର ସୂଚନା ପାଇ ଭିଜିଲାନ୍ସ ସେଠାରେ ଚଢ଼ଉ କରିଥିଲା । ଏହି ସମୟରେ ସେ ପାଇପ୍ ଲାଇନ୍ ଦେଇ ଫେରାର୍ ହେବାକୁ ଉଦ୍ୟମ କରିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଛି । ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

## ରାଜଧାନୀରେ ସ୍ତ୍ରୀର ତଂଟିକାଟି ହତ୍ୟା କଲା ସ୍ୱାମୀ : ଝିଅ ଗୁରୁତର

ଭୁବନେଶ୍ୱର, ୯ ।୬(ପି.ଏନ): ପାରିବାରିକ କଳହରୁ ତଂଟି କାଟି ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ଏଥିସହ ନିଜ ୬ ବର୍ଷର ଝିଅର ବି ତଂଟି କାଟି ଦେଇଛି। ତେବେ ଝିଅଟି ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛି । ରାଜଧାନୀର ଘାଟିକିଆ ଅଂଚଳରେ ଏଭଳି ଘଟଣା ଘଟିଛି। ମୃତ ମହିଳାଙ୍କ ନାଁ ସରସ୍ୱତୀ ଦାସ। ଘଟଣାପରେ ଅଭିଯୁକ୍ତ ସ୍ୱାମୀ ସଞ୍ଜିତ ଦାସ ଫେରାର ହୋଇଯାଇଛନ୍ତି ।ସୂଚନା ଅନୁଯାୟୀ ଅଭିଯୁକ୍ତ ସଞ୍ଜିତ କିଛି ରୋଜଗାର କରୁ ନ ଥିବା ବେଳେ ସବୁବେଳେ ନିଶାଗ୍ରସ୍ତ ରହୁଥିଲେ। ତାଙ୍କ ପତ୍ନୀ ସରସ୍ୱତୀ ଦାସ ନର୍ସ ଭାବେ କାମ କରୁଥିଲେ। ସେମାନଙ୍କର ଦୁଇଟି ଝିଅ। ଜଣଙ୍କୁ ୬ ବର୍ଷ ହୋଇଥିବା ବେଳେ ଆଉ ଜଣଙ୍କୁ ମାତ୍ର ୪ ଦିନ ହୋଇଛି। କୌଣସି ଘଟଣାକୁ ନେଇ ଆଜି ପତିପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ନିଜ ହିତାହିତ ଜ୍ଞାନ ହରାଇ ବସିଥିବା ସଞ୍ଜିତ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ପତ୍ନୀ ଓ ବଡ଼ ଝିଅର ବେକ କାଟି ଦେଇଥିଲେ। ଘଟଣାସ୍ଥଳରେ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅକୁ ଗୁରୁତର ଅବସ୍ଥାରେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ଏବେ ବିପଦମୁକ୍ତ ଥିବା ଜଣାଯାଇଛି ।ଖବର ପାଇ ଭୁବନେଶ୍ୱର ଡିସିପି ଓ ପୋଲିସ୍ ଟିମ୍ ପହଂଚି ଘଟଣାର ତଦନ୍ତ କରିଛନ୍ତି।

## ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର,୯ ।୬(ପି.ଏନ): ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ବିଭାଗ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଓ ସରସସୁନ୍ଦର କରିବାରେ ସୂଚନା ଓ ଲୋକସଂପର୍କ ବିଭାଗର ଦାୟିତ୍ୱଗୁଡ଼ିକ ବାବଦରେ ସଚେତନ ହୋଇ ସଫଳ ସଂପାଦନରେ ଅଧିକାରୀ ତଥା କର୍ମଚାରୀମାନେ ପ୍ରତିବଦ୍ଧ ହେବାକୁ ମନ୍ତ୍ରୀ ଶ୍ରୀ ଅମାତ ପରାମର୍ଶ ଦେଇଥିଲେ । ରଥଯାତ୍ରାର ବିଶ୍ୱପ୍ରସିଦ୍ଧିକୁ ଦୃଷ୍ଟିରେ ରଖି ପ୍ରଚାର, ବିଜ୍ଞାପନ ଓ ପ୍ରଦର୍ଶନୀ ଇତ୍ୟାଦି ନେଇ ବିଶେଷ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମୀକ୍ଷା ବୈଠକରେ ଯୋଗଦେଇ ସାମାଜିକ ଗଣମାଧ୍ୟମରେ ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ପ୍ରସାର ପାଇଁ ପରାମର୍ଶ ଦେବା ସହିତ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ବଳିତ ବିଭିନ୍ନ କିମ୍ବଦନ୍ତୀ, ଲୋକକଥା, ତଥ୍ୟର ପ୍ରଚାର ଉପରେ ବିଭାଗ ଗୁରୁତ୍ୱ ଦେବ ବୋଲି ଉଲ୍ଲେଖ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ବିଭାଗ ତରଫରୁ ହେବାକୁ ଥିବା କାର୍ଯ୍ୟଗୁଡ଼ିକ ଉପରେ ସୂଚନା ଦେଇଥିଲେ । ଦୂରଦର୍ଶନ ଜରିଆରେ ସିଧା ପ୍ରସାରଣ, ଅନ୍ୟାନ୍ୟ ବୈଦ୍ୟୁତିକ ଗଣମାଧ୍ୟମକୁ ଲାଇଭ୍ କମନ୍ ଫିଡ୍ ଯୋଗାଣ, ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ସାମ୍ବାଦିକମାନଙ୍କ ଗସ୍ତ, ସମ୍ମାନନୀୟ ଅତିଥିମାନଙ୍କ ପରିଚର୍ଯ୍ୟା, ବିଭିନ୍ନ ପ୍ରକାଶନର ରଥଯାତ୍ରା ବିଶେଷାଙ୍କ ବିକ୍ରୟ, ଫଟୋଚିତ୍ର ପ୍ରଦର୍ଶନୀ, ବିଜ୍ଞାପନ ପ୍ରସାରଣ ସହିତ ହୋର୍ଡ଼ିଙ୍ଗ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗ ଉପରେ ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ଅବଗତ କରାଇଥିବାବେଳେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ରଥଯାତ୍ରା ଦିନ ଉଭୟ ପତ୍ରିକାର ବିଶେଷାଙ୍କ ସଂଖ୍ୟା ଲୋକାର୍ପିତ ହେବ ବୋଲି ଉଲ୍ଲେଖ କରିଥିଲେ ।

## ଜୁନ ୧୫ ପୂର୍ବରୁ ନିସ୍ତାର ନାହିଁ, ଆହୁରି କଲବଲ କରିବ ନିଆଁ ବର୍ଷା

ନୂଆଦିଲ୍ଲୀ,୯ ।୬(ପି.ଏନ): ନିକଟ ଦିନମାନଙ୍କରେ ପ୍ରଚଣ୍ଡ ତାତିରୁ ନିସ୍ତାର ମିଳିବାର କୌଣସି ସମ୍ଭାବନା ନାହିଁ। ଆକାଶରୁ ବର୍ଷୁଥିବା ନିଆଁ ବର୍ଷା ଆହୁରି ଆଗାମୀ କିଛି ଦିନ ପର୍ଯ୍ୟନ୍ତ କଲବଲ କରିବ। ସାରା ଦେଶରେ ଅତ୍ୟଧିକ ରୌଦ୍ରତାପର ପ୍ରକୋପ ଜାରି ରହିଥିବା ବେଳେ ଏବେ ବର୍ଷା ହେବାର ସମ୍ଭାବନା ନାହିଁ ବୋଲି ଭାରାତୀୟ ପାଣିପାଗ ବିଭାଗ ଆକଳନ କରିଛି। ଦେଶର ରାଜଧାନୀ ଦିଲ୍ଲୀ ଏନସିଆରରେ ସର୍ବାଧିକ ତାପମାତ୍ରା ଜାରି ରହିଥିବା ବେଳେ ଉତ୍ତର-ପଶ୍ଚିମାଞ୍ଚଳ ମଧ ଏଥିରୁ ବାଦ ପଡିନି। ଜୁନ୍୧୫ ପୂର୍ବରୁ ତାତିରୁ ସେମିତି କୌଣସି ମୁକ୍ତି ନାହିଁ ବୋଲି ଗୁରୁବାର ଭାରତୀୟ ପାଣିପାଗ ବିଭାଗ ଆଳନ କରିଛି। ଜୁନ୍ ୧୬ ପରେ ଆଦ୍ର ବାୟୁ ପ୍ରବାହିତ ହେଲେ ଅସହ୍ୟ ଗରମରୁ ମୁକ୍ତି ମିଳିବ ବୋଲି ପାଣିପାଗ ବିଭାଗ କହିଛି ।ଭାରତର କେନ୍ଦ୍ରୀୟ ଅଞ୍ଚଳ ସମେତ ଉତ୍ତର-ପଶ୍ଚିମାଞ୍ଚଳରେ ହିଟ୍ ?ୱେଭ ଜାରି ରହିଛି। ତଥାପି ତାପମାତ୍ରା ଏତେ ଟପିଯିବ ବୋଲି କଳ୍ପନା କରାଯାଇନଥିବା ପାଣିପାଗ ବିଶେଷଜ୍ଞ କହିଛନ୍ତି । ଅନ୍ୟପଟେ ପୂର୍ବ ମଧ୍ୟପ୍ରଦେଶ, ଛତିଶଗଡ ଏବଂ ଓଡିଶାରେ ପ୍ରାକ ମୌସୁମୀ ପ୍ରଭାବ ଆରମ୍ଭ ହୋଇଯିବ । କିନ୍ତୁ ଜୁନ୍? ୧୫ ପର୍ଯ୍ୟନ୍ତ ଉତ୍ତର ରାଜସ୍ଥାନ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ପୂର୍ବ ମଧ୍ୟପ୍ରଦେଶରେ ସ୍ୱାଭାବିକ୍ ତାପମାତ୍ରାଠାରୁ ଅଧିକ ରହିବ ବୋଲି ବୋଲି ପାଣିପାଗ ବିଭାଗ କହିଛି। ତେବେ ଜୁନ୍ ୧୧ ଏବଂ ୧୨ରେ ଦିଲ୍ଲୀ ଏନସିଆର ଅଞ୍ଚଳରେ ସାମୟିକ ଆଶ୍ୱସ୍ତି ମିଳିପାରେ ।କାରଣ ଏହି ସମୟରେ ଆକାଶ ମେଘାଛନ୍ନ ରହିବ ହେଲେ ବର୍ଷା ହେବା ସମ୍ଭାବନା କମ ରହିଛି। କିନ୍ତୁ ଜୁନ ୧୫ ସୁଦ୍ଧା ଦେଶର ଅଧିକାଂଶ ଭାଗରେ ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ରହିବ। ତେବେ ସ୍ୱାଭାବିକ୍ ସମୟରେ ମୌସୁମୀ ଆଗମନ ନେଇ ଏବେଠାରୁ କିଛି କହିହେବନି ବୋଲି ପାଣିପାଗ ବିଭାଗ କହିଛି। ଗତ ବର୍ଷ ସ୍ୱାଭାବିକ୍ ? ସମୟର ଦୁଇ ସପ୍ତାହ ପୂର୍ବରୁ ଦିଲ୍ଲୀରେ ମୌସୁମୀ ପହଞ୍ଚିବ ବୋଲି ପାଣିପାଗ ବିଭାଗ ଆକଳନ କରିଥିଲା। ଯାହା ଜୁନ ୨୭ରେ ପହଞ୍ଚିବାର ଥିଲା ତାହା ବହୁ ବିଳମ୍ବ ଜୁଲାଇ ୧୩ରେ ପହଞ୍ଚି ଥିଲା।

## ସମବାୟ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ: ବିଜେପି

ଭୁବନେଶ୍ୱର, ୯ ।୬(ପି.ଏନ): ସମବାୟ ନିର୍ବାଚନ କେବଳ ଗରୀବ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଚାଷୀମାନେ ନିଜ ନିଜ ଗଣତାନ୍ତ୍ରୀକ ମତଦାନ ସାବ୍ୟସ୍ତ କରି ନିଜ ନିଜ ଅଂଚଳରେ ଲ୍ୟାମ୍ପ୍‌ସ କିମ୍ବା ପ୍ୟାକ୍ସ ରେ ଏକ ପରିଚାଳନା କମିଟି ଗଠନ କରନ୍ତି । ଚଳିତ ସମବାୟ ନିର୍ବାଚନରେ ପ୍ରାଥମିକ ସ୍ତରରେ ହେଉଥିବା ଲ୍ୟାମ୍ପ୍‌ସ ଓ ପ୍ୟାକ୍ସ ନିର୍ବାଚନରେ ଶାସକ ବିଜେଡି ସରକାରୀ କର୍ମଚାରୀଙ୍କ ସହାୟତାରେ ନିର୍ବାଚନକୁ ସଂପୂର୍ଣ୍ଣ ଭାବେ ପ୍ରଭାବିତ କରିବା ସହିତ ଚାଷୀମାନଙ୍କୁ ଧୋକା ଦେଉଛି । ଏପରିକି ସାଧାରଣ ଚାଷୀଟି ସମବାୟ ନିର୍ବାଚନରେ ଭୋଟଦାନରୁ ବଂଚିତ ହେବାକୁ ଯାଉଛି । ଫଳରେ ଆସନ୍ତା ସମବାୟ ନିର୍ବାଚନ ଏକ ପ୍ରହସନରେ ପରିଣତ ହେବାକୁ ଯାଉଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ଶ୍ରୀମତୀ ସୁରମା ପାଢୀ କହିଛନ୍ତି ।ସମବାୟ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ପଦାଧିକାରୀମାନଙ୍କ ସମବାୟ ବ୍ୟବସ୍ଥା ଉପରେ ସଂପୂର୍ଣ୍ଣ ଜ୍ଞାନ ନାହିଁ। ରାଜ୍ୟ ସରକାରଙ୍କ ଅଧିନସ୍ଥ ପଂଚାୟତରାଜ ବିଭାଗରେ କାର୍ଯ୍ୟରତ ପିଇଓ, ଭିଏଲଡବ୍ଲ୍ୟୁ ଭଳି ସରକାରୀ କର୍ମଚାରୀମାନଙ୍କୁ ନିର୍ବାଚନ ଅଧିକାରୀ କରାଇବା ପରେ ଚାପ ପ୍ରୟୋଗ କରି ଶତ ପ୍ରତିଶତ ନିର୍ବାଚନ ଜିତିବା ଲକ୍ଷ୍ୟରେ ଶାସକ ବିଜେଡି ରହିଛି । ବିଗତ ତିନି ବର୍ଷରେ ନିଯୁକ୍ତ ଆଡମିନିଷ୍ଟ୍ରେଟରମାନେ ସଭ୍ୟ ସଂଗ୍ରହ, ଡିପୋଜିଟ ମୋବିଲାଇଜେସନ ନକରି ସଂଗୃହୀତ ଅର୍ଥ ପରିମାଣର ରସିଦ ନଦେଇ, ବ୍ୟାଂକ ଖାତା ଚାଷୀଙ୍କୁ ହସ୍ତାନ୍ତର ନକରି ସୋସାଇଟିରେ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି । ଲ୍ୟାମ୍ପ୍‌ସ ଓ ପ୍ୟାକ୍ସ ଗୁଡିକର ଭୋଟର ତାଲିକାକୁ ଚଂଚକତା ସହ ପ୍ରସ୍ତୁତି କରାଯାଇଛି ଏବଂ ଏହା ଦ୍ୱାରା ସାଧାରଣ ଚାଷୀଟି ଭୋଟଦାନରୁ ବଂଚିତ ରହିବ । ସମବାୟ ଅଧିନିୟମ ଏସ୍‌ଇସି ୨୮/୨(ପି)ରେ ଥିବା ନିୟମ ମୁତାବକ ୧ ଜାନୁୟାରୀ ୧୯୯୫ପରେ ତୃତୀୟ ସନ୍ତାନ ଲାଭ କରିଥିବା ଦମ୍ପତି ନିର୍ବାଚନ ଲଢ଼ିବା ବା ପ୍ରସ୍ତାବକ ସମର୍ଥକ ହୋଇନପାରିବା ଭଳି ନିୟମ ଖୋଲା ଉଲଙ୍ଘଂନ ହେବା ଦେଖାଦେଉଛି ବୋଲି ବିଜେପି ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ଦାଶ କହିଛନ୍ତି । ଅନ୍ୟ ଯେଉଁ ସ୍ଥାନରେ ନିର୍ବାଚନ ହେବାକୁ ଅଛି ଆଇନତ ସଠିକଭାବେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ କରାନ୍ତୁ ରାଜ୍ୟ ସରକାର ବୋଲି ଶ୍ରୀ ଦାଶ ଦାବୀ କରିଛନ୍ତି ।ନିର୍ବାଚନରେ ପ୍ରାର୍ଥୀ ନାମାଙ୍କନ ପତ୍ର ଶୁଦ୍ଧ ଓ ସଠିକ ହେବାକୁ ଥିବାବେଳେ ଚଳିତ ସମବାୟ ନିର୍ବାଚନରେ ଏହି ପ୍ରାର୍ଥିପତ୍ରରେ ବ୍ୟାପକ ଅଶୁଦ୍ଧି ପରିଲକ୍ଷିତ ହେଉଛି। ମନୋନୟନ ପତ୍ରରେ କେବଳ ସମର୍ଥକ ଓ ପ୍ରସ୍ତାବକଙ୍କ ନାମ ଦର୍ଶାଇବା ପାଇଁ ସ୍ଥାନ ଥିବାବେଳେ ତାଙ୍କ ଦସ୍ତଖତ ପାଇଁ ସ୍ଥାନ ନାହିଁ। ଯାହାର ଆଧାରରେ ନିର୍ବାଚନ ଅଧିକାରୀ ସ୍ଥଳ ବିଶେଷରେ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କର ପ୍ରାର୍ଥୀପତ୍ର କାୟାମ ରଖିବାବେଳେ ବିରୋଧିମାନଙ୍କ ନାମାଙ୍କନ ନାକଚ କରିଚାଲିଛନ୍ତି। ଏହା ଏକ ସଂପୂର୍ଣ୍ଣ ଅସାମ୍ବିଧାନିକ ବ୍ୟବସ୍ଥା ହୋଇଥିବାରୁ ଏହାକୁ ଅସିଦ୍ଧ ଘୋଷଣା କରିବାକୁ ଶ୍ରୀ ଦାସ କହିଛନ୍ତି।

## ୪୫.୩ ଡିଗ୍ରୀ ତାପମାତ୍ରାରେ ଫୁଟିଲା ବଲାଙ୍ଗିର



ଭୁବନେଶ୍ୱର,୯ ।୬(ପି.ଏନ): ସମଗ୍ର ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି। ପଶ୍ଚିମ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଉପକୂଳରେ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ବୁଧବାର ଭଳି ଗୁରୁବାର ମଧ ପଶ୍ଚିମ ଓଡିଶାରେ ପ୍ରବଳ ତାତି ଅନୁଭୂତ ହୋଇଛି। ୪୫.୩ ଡିଗ୍ରୀ ତାପାମାତ୍ରା ସହ ବଲାଙ୍ଗିର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ପରି ପ୍ରଥମଥର ପାଇଁ ଚଳିତ ବର୍ଷ ଦୁଇଟି ସହରର ତାପମାତ୍ରା ୪୫ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ବଲାଙ୍ଗିର ବ୍ୟତୀତ ଟିଟଲାଗଡର ସର୍ବୋଚ୍ଚ ତାପମାତ୍ରା ଗୁରୁବାର ୪୫.୨ ଡିଗ୍ରୀ ରେକର୍ଡ ହୋଇଛି ।ଗୁରୁବାର ରାଜ୍ୟର ୧୫ଟି ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ସେହିପରି ୫ଟି ସହରର ତାପମାତ୍ରା ୪୩ ଡିଗ୍ରୀ କିମ୍ବା ତା' ଉପରେ ରହିଛି। ଆଗାମୀ ୨ ଦିନ ଯାଏ ରାଜ୍ୟର ଦିନର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଅର୍ଥ ଉପକୂଳରେ ପଶ୍ଚିମ ଓଡିଶା ଅପେକ୍ଷା କମ ତାତି ଅନଭୂତ ହେବ। କିନ୍ତୁ ଏଠାରେ ଗୁଳୁଗୁଳି ଜାରି ରହିବ ।ଗୁରୁବାର ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରହିଥିବା ବେଳେ ଝାରସୁଗୁଡାରେ ୪୨.୭ ଡିଗ୍ରୀ, ସମ୍ବଲପୁରରେ ୪୨ ଡିଗ୍ରୀ, ସୁନ୍ଦରଗଡରେ ୪୨ ଡିଗ୍ରୀ, ହୀରାକୁଦରେ ୪୧.୩ ଡିଗ୍ରୀ, ଭବାନୀପାଟଣାରେ ୪୩.୫ ଡିଗ୍ରୀ, ଦେବଗଡରେ ୪୧.୨ ଡିଗ୍ରୀ, ବରଗଡରେ ୪୨.୬ ଡିଗ୍ରୀ, ନୂଆପଡାରେ ୪୨.୪ ଡିଗ୍ରୀ, ନବରଙ୍ଗପୁରରେ ୪୦ ଡିଗ୍ରୀ, ସୋନପୁରରେ ୪୧.୫ ଡିଗ୍ରୀ, ବୌଦ୍ଧରେ ୪୪ ଡିଗ୍ରୀ ଓ ମାଲକାନଗିରିରେ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।ଉପକୂଳ ଓଡିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି। ରାଜଧାନୀ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୩୩.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ କଟକରେ ପାରଦ ୩୩ ଡିଗ୍ରୀ ଛୁଇଁଛି। ପୁରୀର ସର୍ବୋଚ୍ଚ ତାପମାତ୍ରା ୩୨.୯ ଡିଗ୍ରୀ ରେକର୍ଡ କରାଯାଇଛି।

## କେନ୍ଦୁଝରରେ ବିକାଶର ବିକଳଚିତ୍ର:ସ୍ୱାଧୀନତାର ୭୫ ବର୍ଷ ପରେ ମଧ ପାଣିଟୋପାଏ ପାଇଁ ଉହଳବିକଳ ଲୋକେ

କେନ୍ଦୁଝର , ୯ ।୬(ପି.ଏନ): ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ରାଜସ୍ୱ ପାଣ୍ଠି ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ନିଭାଇ ଆସୁଥିବା ଅବିଭକ୍ତ କେନ୍ଦୁଝର ଜିଲ୍ଲାର ଅଧିକାଂଶ ଅଂଚଳବାସୀ ଆଜି ବି ପିଇବା ପାଣି ଟୋପାଏ ପାଇଁ ଉହଳ ବିକଳ ହେଉଛନ୍ତି । ଜିଲ୍ଲାର ଅଧିକାଂଶ ଅଂଚଳର ଅଧିବାସୀ ଏବେ ବି ପାଣି ଟୋପାଏ ପାଇଁ ନାଳ କିମ୍ବା ଚୁଆ ପାଣି ଉପରେ ଭରସା କରିବାକୁ ବାଧ ହେଉଛନ୍ତି । ପାନୀୟଜଳ ଭଳି ମୌଳିକ ଆବଶ୍ୟକତା ତଥା ଅଧିକାର ର ସମାଧାନ ଦିଗରେ ସରକାର ଠାରୁ ଜିଲ୍ଲା ପ୍ରଶାସନ କିମ୍ବା ଦାୟିତ୍ୱରେ ଥିବା ଅଧିକାରୀ ମାନେ କେହି ବି ଆଗ୍ରହ ପ୍ରକାଶ କରୁନାହାଁନ୍ତି । ଆଜି ବି ଜିଲ୍ଲାରେ ଏଭଳି ଅନେକ ଗ୍ରାମ ଅଛି ଯେଉଁଠାରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ଅପହଂଚ । ଏହା ହିଁ ହେଉଛି କେନ୍ଦୁଝର ଜିଲ୍ଲାର ବିକାଶର ବାସ୍ତବ ଚିତ୍ର । ରାଜ୍ୟର ପ୍ରତ୍ୟେକ ଲୋକଙ୍କ ପାଖରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାର ପ୍ରତିଶ୍ରୁତି ସରକାରଙ୍କ ପକ୍ଷରୁ ଅନେକ ଥର ଦିଆଯିବା ପରେ ମଧ ଅଦ୍ୟବଧି ତାହା ବାସ୍ତବ ରୂପ ନେଇ ପାରିନାହିଁ । ବଂର ସେସବୁ କେବଳ ପ୍ରଚାର ସର୍ବସ୍ୱ ମଧ୍ୟରେ ରହିଯାଇଛି । ଆଜି ବି ପିଇବା ତ ଦୂରର କଥା ଶୌଚ ଆଦି ବାହ୍ୟ କାର୍ଯ୍ୟ ସମାପନ କରିବା ଲାଗି ଉପଯୁକ୍ତ ପାଣି ଟୋପାଏ ପାଉନାହାଁନ୍ତି । ଫଳରେ ସେମାନଙ୍କୁ ଅଳିଆ ଆବର୍ଜନା ପାଣି ଉପରେ ନିର୍ଭର କରିବାକୁ ବାଧ ହୋଇ ଥାଆନ୍ତି । କେନ୍ଦୁଝର ଜିଲ୍ଲାରେ ଏଭଳି ଏକ ଅଂଚଳ ହେଲା ଆଦିବାସୀ ବହୁଳ ବାଂଶପାଳ ବ୍ଲକର ନୟାକୋଟ ଗ୍ରାମ ପଂଚାୟତ ଅନ୍ତର୍ଗତ ସିନ୍ଧୁଡିହି ଗ୍ରାମ । ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ମଧ୍ୟ ଗ୍ରାମ ଲୋକମାନେ ପାଣି ଟୋପାଏ ପାଇଁ ଉହଳ ବିକଳ ହେଉଛନ୍ତି । ବ୍ୟବହାର ଅନୁପଯୋଗୀ ହେଲେ ବି ସେମାନଙ୍କର କେବଳ ନାଳ ଓ ଚୁଆ ପାଣି ଉପରେ ଭରସା । ଏହି ଗ୍ରାମରେ ୩ ଟି ସାହୀ ରହିଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ । ଗ୍ରାମର ଲୋକମାନେ ପ୍ରାୟତଃ କାଠ ପତ୍ର ଫଳ ମୂଳ ସଂଗ୍ରହ କରିବା ସହ ମାଣ୍ଡିଆ , ଶୋରିଷ ଆଦି ଚାଷ କରି ଗୁଜୁରାଣ ମେଟାଂଇ ଥାଆନ୍ତି । ନୟାକୋଟ ଗ୍ରାମ ପଂଚାୟତ ଠାରୁ ପ୍ରାୟ ୮ କି.ମି. ଦୂରରେ ଥିବା ଏହି ଗ୍ରାମରେ ଗୋଟିଏ ହେଲେ କୂଆ ,ପୋଖରୀ କିମ୍ବା ନଳକୂପ ମଧ ନାହିଁ । ଫଳରେ ଗ୍ରାମର ମହିଳା ମାନେ ଗ୍ରାମଠାରୁ ଦୁଇ କିଲୋ ମିଟର ଦୂର ଜଙ୍ଗଲ ମଧ୍ୟରେ ଥିବା ପାହିଡିଆ ନାଲରୁ ଓ ନାଳ ସନ୍ନିକଟ ଅଂଚଳରେ ଚୁଆ ଖୋଳି ସେଥିରୁ ସଂଗୃହିତ ପାଣିରେ ରୋଷେଇବାସ ଟାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ କରିଥାନ୍ତି । ଅନେକ ସମୟରେ ଚୁଆ ରୁ ବାହାରୁଥିବା ବ୍ୟବହାର ଅନୁପଯୋଗୀ କାଦୁଆ ଅପରିଷ୍କାର ପାଣି କୁ ମଧ ସେମାନଙ୍କୁ ବ୍ୟବହାର କରିବା ପଡିଥାଏ । କାରଣ ତାହାର କୌଣସି ଅନ୍ୟ ବିକଳ୍ପ ସେମାନଙ୍କ ପାଖରେ ନଥାଏ । ଏହି ଅପରିଷ୍କାର ପାଣି ବ୍ୟବହାର କରି ଲୋକମାନେ ପେଟରୋଗ , ଚର୍ମରୋଗ ସହ ଦୁସାଧ ତଥା ଅଜଣା ରୋଗରେ ପଡୁଛନ୍ତି । ପାଣି ଆଣିବାକୁ ଯିବା ସମୟରେ ପ୍ରାୟତଃ ବନ୍ୟ ଜନ୍ତୁଙ୍କର ଭୟ ରହଥିବାରୁ ଗ୍ରାମ ଲୋକମାନଙ୍କୁ ଏକା ସଙ୍ଗରେ ଏକାଠି ହୋଇ ଯିବାକୁ ପଡିଥାଏ । ଯେଉଁ ଗ୍ରାମରେ ଲୋକମାନଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ଟୋପାଏ ସ୍ୱପ୍ନ ସେଠାରେ ଆବାସ ଘର ଠାରୁ ବିଜୁଳି , ସ୍ୱାସ୍ଥ ଆଦି ଭଳି ଅନ୍ୟାନ୍ୟ ସୁବିଧା କଥା କିଏ ବା ପଚାରେ । ଏମାନଙ୍କ ଭାଗ୍ୟରେ କେବଳ ସରକାରୀ ଚାଉଳ ଗଣ୍ଡାକ ମିଳେ ତା ପୁଣି ୧୦ କି.ମି. ଚାଲି ଚାଲି ଯିବା ପରେ । ଗ୍ରାମବାସୀ ସେମାନଙ୍କର ସମସ୍ୟକୁ ନେଇ ସରପଚଂ ଙ୍କ ଠାରୁ ଆରମ୍ଭ କରି ବଡ ବଡ ସରକାରୀ ବାବୁ ମାନଙ୍କ ପାଖରେ ବାରମ୍ବାର ଗୁହାରୀ କରିଆସୁଥିଲେ ମଧ କେହି ଶୁଣୁ ନାହାଁନ୍ତି ସେମାନଙ୍କ ଦୁଖଃ ବୋଲି କହିଛନ୍ତି ବିମଳା ପାତ୍ର , ସୁକୁମତି ପାତ୍ର , ଚକ ପାତ୍ର ପ୍ରମୁଖ ମହିଳାମାନେ ।

## ବାରବାଟୀ ଟି-୨୦ : ଆସନ୍ତାକାଲି ପହଂଚିବେ ୨ ଦେଶର ଖେଳାଳି

ଭୁବନେଶ୍ୱର, ୯ ।୬(ପି.ଏନ): ଆସନ୍ତା ୧୨ ତାରିଖରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ପାଇଁ ଆସନ୍ତାକାଲି ୨ ଦେଶର ଖେଳାଳି ଭୁବନେଶ୍ୱରରେ ପହଂଚିବେ। ଏହାପୂର୍ବରୁ ଗୁରୁବାର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ଖେଳାଳି ରହିବାକୁ ଥିବା ମେଫେୟାର ହୋଟେଲ ପର୍ଯ୍ୟନ୍ତ କାରକେଡ୍ ଅଭ୍ୟାସ୍ କରାଯାଇଛି। କଡା ସୁରକ୍ଷା ମଧ୍ୟରେ ଖେଳାଳିମାନଙ୍କୁ ବିମାନବନ୍ଦରରୁ ଜୟଦେବ ବିହାର ଦେଇ ହୋଟେଲ ଅଣାଯିବ। ସେହିପରି ପୂର୍ବାହ୍ନରେ ଖେଳାଳି ଆସିବା ପୂର୍ବରୁ ଏୟାରପୋର୍ଟରେ ସୁରକ୍ଷା ବ୍ୟବସ୍ଥାର ଯାଂଚ କରିଛି କମିଶନରେଟ ପୋଲିସ । ଭୁବନେଶ୍ୱର ଡିସିପି ପ୍ରତୀକ୍ ସିଂ ଭୁବନେଶ୍ୱର ଏୟାରପୋର୍ଟରେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି । କିଭଳି ଖେଳାଳିଙ୍କୁ କର୍ଡନ କରି ହୋଟେଲ ପର୍ଯ୍ୟନ୍ତ ନିଆଯିବ ସେ ନେଇ ରୁଟ ମ୍ୟାପ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ସ୍ଥାନରେ ସାଧାପୋଷାକରେ ପୋଲିସ ମୁତୟନ ହେବେ । ଏୟାରପୋର୍ଟ ଅଥରିଟିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ଡିସିପି ।ପ୍ରଥମ ଥର ପାଇଁ ଭିଭିଆଇପି ଗେଟରେ ବାହାରିବେ ଉଭୟ ଦେଶର ଖେଳାଳି । ପୂର୍ବରୁ କାର୍ଗୋ ଗେଟ ଦେଇ ବାହରୁଥିଲେ ଖେଳାଳି। ଏଥିପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟାସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲକନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |



# ମୋ ଗାଁ

## ମୁଖ୍ୟମନ୍ତ୍ରୀଙ୍କ ଇଂଲଣ୍ଡ ଗସ୍ତ ଖର୍ଚ୍ଚ କମ ଥିଲା ସୁଫଳ ବେଶୀ

ବଲାଙ୍ଗିର, (ପି.ଏନ): ଦୀର୍ଘ ଏକ ଦଶନ୍ଧି ପରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମାସ ଶେଷ ସପ୍ତାହରେ ପୁଣି ବିଦେଶ ଗସ୍ତ କରୁଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀ ୨୦୧୨ ମସିହା ମଇ ୨୧ରୁ ୩୧ ପର୍ଯ୍ୟନ୍ତ ଇଂଲଣ୍ଡ ଗସ୍ତ କରିଥିଲେ । ଦଶ ବର୍ଷ ତଳର ଏହି ବିଦେଶ ଗସ୍ତରୁ ମୁଖ୍ୟମନ୍ତ୍ରୀ କମ ଖର୍ଚ୍ଚରେ ରାଜ୍ୟକୁ ସୁଫଳ ଆଣିଥିବା କଥା ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ମିଳିଥିବା ତଥ୍ୟକୁ ଆଧାର କରି କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କ ତତ୍କାଳୀନ ପ୍ରମୁଖ ସଚିବ ଏ. ପି. ପାଢୀ, ସ୍କୁଲ ଓ ଗଣ ଶିକ୍ଷା ସଚିବ ରାଜେଶ ବର୍ମା, ମହିଳା ଓ ଶିଶୁ ବିକାଶ ସଚିବ ଶ୍ରୀମତୀ ଆରତି ଆହୁଜା ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭିକେ ପାଣ୍ଡିଆନ ବିଦେଶ ଗସ୍ତ କରିଥିଲେ । ଏହି ଗସ୍ତକୁ ରାଜ୍ୟପାଳ ସ୍ୱୀକୃତି ପ୍ରଦାନ କରିଥିଲେ । ଗସ୍ତ କାର୍ଯ୍ୟକ୍ରମରେ ସାମିଲ ପ୍ରତିନିଧିମାନଙ୍କୁ ଦୈନିକ ୧୦୦ ଆମେରିକୀୟ ଡଲାର ଭତ୍ତା ଦିଆଯିବା ପାଇଁ ସ୍ଥିରୀକୃତ ହୋଇଥିବା ସାଧାରଣ ପ୍ରଶାସନ ବିଭାଗର ତା୮/୫/୨୦୧୨ ଅଫିସ ଅର୍ଡରରୁ ଜଣାପଡିଛି । ଓଡିଶା ସରକାର ଓ ଡିଏଫଆଇଡିର ସହଭାଗିତାକୁ ଦୃଢ କରିବା ପାଇଁ ଓ ନୂତନ ସମ୍ଭାବନାକୁ ନେଇ ଆଲୋଚନା, ଗରିବୀ ଓ କୁପୋଷଣକୁ ହ୍ରାସ କରିବା ପାଇଁ ଆଇଡିଏସ ସସେକ୍ସ ସହ ଆଲୋଚନା ସହ ଲଣ୍ଡନରେ ଓଡିଶା ହସ୍ତତନ୍ତ ପ୍ରଦର୍ଶନୀ ଉଦଘାଟନ ଇତ୍ୟାଦି କାର୍ଯ୍ୟକ୍ରମ ରହିଥିଲା । ମୁଖ୍ୟମନ୍ତ୍ରୀ ଏବଂ ପ୍ରତିନିଧିମାନଙ୍କ ରହିବା, ଯିବା ଆସିବା ପାଇଁ ଭାରତୀୟ ଦୂତାବାସକୁ ଅନୁରୋଧ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟର ସଚିବ ମାନଙ୍କ ଖର୍ଚ୍ଚ ସଂସଦୀୟ ବ୍ୟାପାର ବିଭାଗ କରିବା ପାଇଁ କୁହାଯାଇଥିବା ବେଳେ ବାକି ମାନଙ୍କ ଖର୍ଚ୍ଚ ସେମାନଙ୍କ ସମ୍ପୃକ୍ତ ବିଭାଗ କରିବା ପାଇଁ କୁହାଯାଇଥିଲା । ଓଡିଶାରୁ ଲଣ୍ଡନକୁ ମୁଖ୍ୟମନ୍ତ୍ରୀଙ୍କ ଯିବା ଆସିବା ଖର୍ଚ୍ଚ ୨ ଲକ୍ଷ ୫୪ ହଜାର ୫୨୪ ଟଙ୍କା ଥିବା ବେଳେ ତାଙ୍କ ପ୍ରମୁଖ ସଚିବ ଓ ସଚିବ ଲଣ୍ଡନ ଗସ୍ତ ବାବଦକୁ ୨ ଲକ୍ଷ ୯୭ ହଜାର ୨୭୭ ଟଙ୍କା ଦାବୀ କରିଥିବା ରାଜ୍ୟର ସଂସଦୀୟ ବ୍ୟାପାର ବିଭାଗ ତଥ୍ୟରେ କୁହାଯାଇଛି । ଲଣ୍ଡନ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା କର୍ମୀ ଶ୍ରୀ ପଣ୍ଡାଙ୍କୁ ଦିଆଯାଇଥିବା ତଥ୍ୟରେ ମୁଖ୍ୟମନ୍ତ୍ରୀ ଲଣ୍ଡନ ସ୍ଥିତ ହୋଟେଲ କ୍ଲାରିଜସରେ ୨୩ ମଇ ୨୦୧୨ରୁ ୩୧ ମଇ ୨୦୧୨ ପର୍ଯ୍ୟନ୍ତ ରହିଥିବା କୁହାଯାଇଛି । ଏହାର ଖର୍ଚ୍ଚ ୩ ଲକ୍ଷ ୮୫ ହଜାର ୩୦୦ ଟଙ୍କା ବୋଲି ତଥ୍ୟରେ କୁହାଯାଇଛି । ଲଣ୍ଡନ ରହଣି ମଧ୍ୟରେ ମୁଖ୍ୟମନ୍ତ୍ରୀ ଡିଏଫଆଇଡି.ର ସେକ୍ରେଟାରୀ ଅଫ ଷ୍ଟେଟ ଆଣ୍ଡ୍ରିଉ ମିଚେଲଙ୍କୁ ସାକ୍ଷାତ କରି ଗରିବୀ ଦୂରୀକରଣ ଓ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ଘରୋଇ ସହଯୋଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ । ଆଡିଏସ ସସେକ୍ସର ନିର୍ଦ୍ଦେଶକ ଡ. ଲରେନ୍ସ ହାଡାଡଙ୍କ ସହ ଦୂତାବାସରେ ସାକ୍ଷାତ କରିଥିଲେ । ଆଡିଏସ ସସେକ୍ସ ସହିତ ମମତା ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ଡିଏଫଆଇଡି ସହିତ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ଦେବା ସମ୍ବନ୍ଧରେ ଆଲୋଚନା ହୋଇଥିଲା । ରାୟଗଡାରେ ପ୍ରଥମେ ଏହାର ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରାଯାଇଥିଲା । ମୋଟ ଉପରେ ଏହି ଯୋଜନା ଗୁଡିକ ବର୍ତ୍ତମାନ ସମୟରେ ସଫଳତାର ସହ ଚାଲିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବିଗତ ବିଦେଶ ଗସ୍ତକୁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏକ ସଫଳ ଗସ୍ତ ବୋଲି କୁହାଯାଇପାରେ ବୋଲି ପଣ୍ଡା କହିଛନ୍ତି ।

### ବଲାଙ୍ଗିର ଜିଲ୍ଲାର ୧୪ଟି ଅନୁଷ୍ଠାନକୁ ବିଶ୍ୱ ପରିବେଶ ଦିବସରେ ପ୍ରକୃତିମିତ୍ରରେ ସମ୍ମାନିତ

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ର ୧୪ ଗୋଟି ଅନୁଷ୍ଠାନ କୁ ୨୦୨୨ ରେ ପ୍ରକୃତି ମିତ୍ର ସମ୍ମାନ ରେ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅନୁଷ୍ଠାନ ଗୁଡ଼ିକ ରାଜ୍ୟ ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରବୀନ୍ଦ୍ର ମଣ୍ଡପ ଠାରେ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ପ୍ରକୃତିମିତ୍ର ସମ୍ମାନ ପାଇଥିବା ସଂସ୍ଥା ଗୁଡ଼ିକ ହେଲେ ଲୋଇସିଂହା ବ୍ଲକ ସର୍ଗାଡ ଗ୍ରାମର ଜଗନ୍ନାଥ ଯୁବ ପରିଷଦ, ଆଗଲପୁର ବ୍ଲକ ଭରସୂଜା ଗ୍ରାମର ଛେଲିଆପାଟ ହାଇସ୍କୁଲ, ଟିଟିଲାଗଡ ନରେନ୍ ଗ୍ରାମର ଆଦର୍ଶ ସାଂସ୍କୃତିକ ସଂଗଠନ, ପାଟଣାଗଡ ବ୍ଲକ ଖୁଣ୍ଟ ସମଲେଇ ଗ୍ରାମରେ ଏନ୍ ବି ହାଇସ୍କୁଲ, ସଇଁତଳା ବ୍ଲକର ବିକାଶ ସଦନ, ଗୁଡଭେଲ ବ୍ଲକ ର ଗୁଡଭେଲା ହାଇ ସ୍କୁଲ , ବେଲପଡ଼ା ବ୍ଲକ ଦିନ ରଘୁ ମେହେର ହାଇ ସ୍କୁଲ , ମାହେଶ୍ୱରୀ ସାମାଜିକ ଅନୁଷ୍ଠାନ ଟିକ୍ରାପଡ଼ା ବଲାଙ୍ଗିର, ପୁଇନ୍ତଳା ବ୍ଲକ୍ ମହିମୁଣ୍ଡା ହାଇସ୍କୁଲ,ମୁରି ବାହାଲ ବ୍ଲକ ସୁଲେକେଲା ର ଧରମସିଂ ହାଇ ସ୍କୁଲ , ବଙ୍ଗୋମୁଣ୍ଡା ବ୍ଲକ ଜୁରାବନ୍ଧ କପିଳେଶ୍ୱର ଯୁବକ ସଂଘ, ଖପ୍ରାଖୋଲ ବ୍ଲକ ଯୁରିଆ ର ଏସ ଏସ ବି ଏମ୍, ତୁରେକେଲା ବ୍ଲକ ର ଚଟୁ ଅନକାର ଜବାହାରଲାଲ ନେହେରୁ ଆଦିବାସୀ କ୍ଲବ ପ୍ରମୁଖ ।

## ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରୁଛନ୍ତି ଡାକ୍ତର

କନ୍ଧମାଳ ,(ପି.ଏନ): କନ୍ଧମାଳ ଜିଲ୍ଲା ଖଜୁରିପଡା ଡାକ୍ତରଖାନା ରେ ଡାକ୍ତର ନଥିବାରୁ ମେଡିକାଲ ବନ୍ଦ ରହିବା ନେଇ ଲାଗିଛି ସୂଚନା ଫଳକ । ମେଡିକାଲକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ଏଭଳି ସୂଚନା ଫଳକ ଦେଖି ଆଶ୍ଚର୍ଯ୍ୟ ହେଉଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ସୂଚନା ଫଳକ ସମ୍ପର୍କରେ ଦାୟିତ୍ୱରେ ଥିବା ଡାକ୍ତର ରଞ୍ଜନ କୁମାର ରାଉତରାୟଙ୍କୁ ପଚାରିବାରୁ ଓଲଟା ସାମ୍ବାଦିକଙ୍କୁ ଧମକ ପୂର୍ଣ୍ଣ କଥାବାର୍ତ୍ତା କରୁଛନ୍ତି, ହେଲେ ମେଡିକାଲରେ ରୋଗୀ ସେବା ପାଇଁ ସରକାର ସବୁ ବ୍ୟବସ୍ଥା କରୁଥିବା କରୁଥିବା ପ୍ରଚାର ପ୍ରସାର କରୁଥିବା ବେଳେ ଏଠି କିନ୍ତୁ ମେଡିକାଲ ବନ୍ଦ ରହିଥିବା ନେଇ ଲାଗିଛି ସୂଚନା ଫଳକ ଏହା ଅବାନ୍ତର ଲାଗୁଥିଲେ ମଧ୍ୟ ଘଟଣା ସମ୍ପୂର୍ଣ୍ଣ ସତ୍ୟ ଅଟେ । ମେଡିକାଲରେ ଏଭଳି ସୂଚନା ଫଳକ କିଛିଦିନ ପୂର୍ବରୁ ଲାଗିଥିଲେ ମଧ୍ୟ କିଏ କାହିଁକି ଲଗାଇଛନ୍ତି ତାହା କେହି ମୁହଁ ଖୋଲୁ ନାହାନ୍ତି । ମେଡିକାଲ ଅଧିକାରୀ ଡାକ୍ତର ନିମାଇଁ ଚରଣ ବିଶି ଛୁଟିରେ ରହିଥିବା ବେଳେ କିଏ ଏହାକୁ ଲଗାଇଛି ତାହା ମେଡିକାଲ ରେ ଲାଗିଥିବା ସିସିଟିଭି ଦେଖିଲେ ଜଣାପଡ଼ିବ । କିନ୍ତୁ ଏନେଇ ଯଦି ଜଣେ କର୍ତବ୍ୟରତ ସାମ୍ବାଦିକ ଡାକ୍ତର ଙ୍କୁ ପଚାରିବାରୁ ଡାକ୍ତର ରଞ୍ଜନ କୁମାର ରାଉତରାୟ ତୁମେ କାହିଁକି ମେଡିକାଲ ଆସୁଛ ତମର କିଛି କାମ ନାହିଁକି ଅଲଗା କୁଆଡେ ଯାଇକି ଖବର ସଂଗ୍ରହ କରୁନ ବୋଲି କହିବା ସହ କଣ କରିବାର ଅଛି କର ବୋଲି କହିବା ସହ ସାମ୍ବାଦିକଙ୍କ ପରିଚୟ ମାଗିବା ବାହାନାରେ ଧମକ ପୂର୍ଣ୍ଣ କଥାବାର୍ତା କରିବା କେତେଦୂର ଯଥାର୍ଥ ତାହା ହିଁ ସ୍ୱାସ୍ଥ୍ୟସେବା ପ୍ରତି ଆଙ୍ଗୁଳି ଉଠୁଛି ।

## ଜଳ ସମ୍ପଦ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ଟୁକୁନି ସାହୁଙ୍କୁ ବଲାଙ୍ଗିର ରେ ଭବ୍ୟ ସ୍ୱାଗତ

ବଲାଙ୍ଗୀର , (ପି.ଏନ): ନୂତନ ଘୋଷିତ ମନ୍ତ୍ରୀ ମଣ୍ଡଳ ରେ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ଙ୍କୁ ମନ୍ତ୍ରୀମଣ୍ଡଳ ରେ ଲାଳସମ୍ପଡ ପରିବହନ ଓ ବାଣିଜ୍ୟ ବିଭାଗ ଦାୟିତ୍ୱ ରେ କେବିନେଟ ମିଳିବା ପରେ ଆଜି ବଲାଙ୍ଗିରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଛି । ବଲାଙ୍ଗିର ପତିତପାବନ ଏକାଡେମୀ ସଭଗୃହରେ ଆଜି ଦିନ ୧୧ ଟା ବେଳେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ବଲାଙ୍ଗିର ଦ୍ୱାରା ଆୟୋଜିତ ସମ୍ବର୍ଧନା ସଭାରେ ୫୦ ରୁ ଅଧିକ ସଂଗଠନ, ସମାଜ ପକ୍ଷରୁ ତାଙ୍କୁ ଫୁଲ ତୋଡା ଉପଢୌକନ ମାନପତ୍ର ଦେଇ ସମ୍ବର୍ଧନା ଦିଆଯାଇଥିଲା । ସମ୍ବର୍ଧନା ର ଉତ୍ତରରେ ମନ୍ତ୍ରୀ ଶ୍ରୀମତୀ ସାହୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଯେଉଁ ଉତ୍ତରଦାୟିତ୍ୱ ଦେଇଛନ୍ତି ତାକୁ ସେ ସଫଳତା ସହିତ କରିବାକୁ ସବୁପ୍ରକାର ଉଦ୍ୟମ କରିବେ ବୋଲି କହିଛନ୍ତି । ବଲାଙ୍ଗିର ର ଏହି ଟାଣ ଖରାରେ ପ୍ରବଳ ଗରମ ଭିତରେ ଏତେ ସଂଖ୍ୟାରେ ଆସି ତାଙ୍କ ପ୍ରତି ଥିବା ସ୍ନେହ ଦେଖାଇ ଥିବାରୁ କୃତଜ୍ଞତା ଜଣାଇବା ସହିତ ଆପଣ ମାନଙ୍କ ଆଶା ଓ ବିଶ୍ୱାସ କୁ ସେ ପୁରଣ କରିବାକୁ ଚେଷ୍ଟା କରିବେ । ମନ୍ତ୍ରୀ ଙ୍କ ସହିତ ମଞ୍ଚରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗିର ପୌରରିଷଦର ଅଧ୍ୟକ୍ଷା ଲୀକା ସାହୁ , ଡାକ୍ତର ମଂଜୁବାଲା ପଣ୍ଡା, ସାମ୍ବାଦିକା ଜୋସ୍ନା ଦାଶ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ , ଉପ ନଗରପାଳ ପ୍ରମୁଖ ମଞ୍ଚାସିନ ଥିଲେ । ସଂଯୋଜନା କରିଥିଲେ ଐଶ୍ୱର୍ଯ୍ୟକ୍ଷ ଦାଶ ଲୋଟସ ଷଡ଼ଙ୍ଗୀ ଓ ସୋମନାଥ ମିଶ୍ର ସଂଯୋଜନା କରିଥିଲେ ।

## ମୋଦି ସରକାରଙ୍କର ୮ମବର୍ଷ ପୂର୍ତି ଅବସରରେ ଉନ୍ନତି ମୂଳକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା

ନୂଆପଡ଼ା,(ପି.ଏନ); ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଶ୍ରୀ-ଜି ମଣ୍ଡପ ଠାରେ ଆଜି ଏସ.ସି ମୋର୍ଚ୍ଚା ତରଫରୁ କେନ୍ଦ୍ର ସରକାରଙ୍କ ସେବା-ସୁଶାସନ- ଗରିବକଲ୍ୟାଣ କାର୍ଯ୍ୟକ୍ରମ ପକ୍ଷ ପାଳନ କ୍ରମରେ ଆୟୋଜନ ହୋଇଥିଲା । ଉକ୍ତ ସଭାରେ କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି ,ଜିଲ୍ଲା ସାଧାରଣ ସମ୍ପାଦକ ଦେବ ସିଂହଦେଓ ମୁଖ୍ୟ ବକ୍ତା ରୂପେ ସଭାକୁ ସମ୍ବୋଧନ କରିଥିବା ବେଳେ ପୂର୍ବତନ ଜିଲ୍ଲା ସଭାପତି, କେନ୍ଦ୍ର ପରିଷଦ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ଜିଲ୍ଲା ପୂର୍ବତନ ସଭାପତି ଶ୍ରୀ ଅତିଦ୍ରଜିତ ସିଂ, ଜିଲ୍ଲାର ପୂର୍ବତନ ବରିଷ୍ଠ ଉପସଭାପତି ଶ୍ରୀ ପୃଥ୍ୱୀରାଜ ମାହାନ୍ତି ମୋଦି ସରକାରଙ୍କର ଆଠ ବର୍ଷର ସମର୍ପିତ ସେବା- ସୁଶାସନ ତଥା ସମସ୍ତଙ୍କର ସାଥେ- ସମସ୍ତଙ୍କର ବିକାଶରେ ଲୋକାର୍ପିତ ହୋଇଥିବା ଜନପ୍ରିୟ ଯୋଜନା, ପ୍ରାଧାନ୍ୟତା ପୂର୍ବକ ଗରିବ କଲ୍ୟାଣକାରୀ -ଅନ୍ତର୍ଦ୍ଧ୍ୟ ସଫଳ ସହଯୋଗୀ ପଦକ୍ଷେପ ଗୁଡାକ ବିଷୟରେ ଆଲୋଚନା ପୂର୍ବକ ମାର୍ଗଦର୍ଶନ କରିଥିଲେ । ସମସ୍ତ ଗରିବ ପରିବାରଙ୍କୁ ମାଗଣା- ଚାଉଳ, ପିଏମ ଆବାସ,ଶୌଚାଳୟ, ଉଜ୍ଜ୍ୱଳା ଗ୍ୟାସବିଜୁଳି-ପିଇବାପାଣି-ସ୍ୱାସ୍ଥ୍ୟ ସେବା -କରୋନା ଭଳି ମହାମାରୀରୁ ରକ୍ଷାପାଇ ଟୀକାକରଣ, ସ୍ୱତନ୍ତ୍ର ସୁରକ୍ଷା ଯୋଜନା, ଜନ ଔଷଧି,ବିଶାଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ହେଲଥ ସେଟର ପ୍ରତିଷ୍ଠା ,ସ୍ୱାସ୍ଥ୍ୟ ବୀମା-ଶିଶୁ ଓ ମହିଳାଙ୍କ ପ୍ରତି ବିଶେଷ ଧାନ, ହାତକୁ ଏମଜିଏନ ଆର ଜି ଏସ କାମ, ପ୍ରତେକ ଜମିକୁ ପାଣି- ପିଏମ କୃଷି ସିଚୟି ଯୋଜନା,ମାଟି ପରୀକ୍ଷଣ- ରିହାତି ସାର-ଔଷଧ ଓ କୃଷିଯନ୍ତପାତି ରିହାତି ଯୋଗାଣ-କିଷାନ କ୍ରେଡିଟ କାର୍ଡ,ଧାନର ଏମ ଏସ ପି ଦର ରେ ୪୩%ବୃଦ୍ଧି , ରାଷ୍ଟ୍ରୀୟ ଶିକ୍ଷା ନୀତି , ଶିକ୍ଷାୟନ ନୀତି, ମୁଦ୍ରା ଯୋଜନାରେ ଋଣ, ଏସ ଏଚ ଜି ଓ ଷ୍ଟାଣ୍ଡପ ଇଣ୍ଡିଆ ମାଧ୍ୟମରେ ମହିଳା ସଶକ୍ତି କରଣ ଆଦି ବହୁ ଜନ ପ୍ରିୟ ଯୋଜନା ମାଧ୍ୟମରେ ଦେଶର ପ୍ରାୟ ସବୁ ପରିବାର ଉପକୃତ ହେଇଛନ୍ତି ତାହା ହିଁ ମୋଦି ସରକାରର ଉପଲବ୍ଧି ।

ପରନ୍ତୁ ଆମରି ରାଜ୍ୟ ସରକାରଙ୍କର ବିଭାତ୍ମକ ଭେଦ ପାଇଁ ଆୟୁଷମାନ ଭାରତ ମାଗଣା ସ୍ୱାସ୍ଥ୍ୟସେବା ଯୋଜନାରୁ ଓଡ଼ିଶାବାସୀ ବଂଚିତ ହୋଇଥିବା ବେଳେ ପି ଏମ କୃଷକ ସମ୍ମାନ ନିଧି ଅନେକ ଚାଷୀ ବଂଚିତ - ପିଏମ ଆବାସ ଯୋଜନା କ୍ଷେତ୍ରରେ ଦୁର୍ନୀତି ସହ ସରକାରୀ କଳର ରାଜନୈତିକରଣ ବାସ୍ତବରେ ନିନ୍ଦନୀୟ ବିଷୟ ଅଟେ ବୋଲି ଚର୍ଚ୍ଚା ହୋଇଥିଲା । ଆମ ସମ୍ବିଧାନର ପ୍ରଣେତା ଡ଼ ଆମ୍ବେଦ୍କାର ପ୍ରତି କଂଗ୍ରେସ ସରକାର ଅଣଦେଖା ଓ ପ୍ରତାରିତ ବ୍ୟବହାର ବାସ୍ତବରେ ଅକ୍ଷମନୀୟ । ଦେଶ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ଓ ଆଦର୍ଶକୁ ହୃଦବୋଧ କରି ବିଳମ୍ବରେ ହେଲେ ମଧ୍ୟ ମରଣୋତ୍ତର ଭାରତ ରତ୍ନ ଉପାଧିରେ ସମ୍ମାନିତ କରି ଭାଜପା ସରକାର ନିଜକୁ ଧନ୍ୟ ମନେ କରୁଥିବା ବେଳେ ଏସ ସି ସମ୍ପ୍ରଦାୟର ଉଥାନ- ସଶକ୍ତି କରଣ ପାଇଁ ଅନେକ ଯୋଜନା ଲୋକାର୍ପିତ କରିସାରିଛି । ମୋଦି ସରକାର ଡ଼ ଆମ୍ବେଦ୍କରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପୂର୍ବକ ପାଞ୍ଚ ତୀର୍ଥ-ପ୍ରତିଷ୍ଠା କରିଛି । ଦେଶର ରାଷ୍ଟ୍ରପତି- ଲୋକସଭା ବାଚସ୍ପତି - ସର୍ବୋଚ୍ଚନ୍ୟାୟାଳୟର ଜଷ୍ଟିସ ଆଦି ଦେଶର ସମ୍ମାନ ଜନକ ଉଚିତ ପଦ- ମର୍ଯ୍ୟାଦା-ଉତ୍ତରଦାୟିତ୍ୱ ଦେଇ ଏସ ସି ସମ୍ପ୍ରଦାୟ ପ୍ରତି ପ୍ରେରଣା ସୃଷ୍ଟି କରିବାରେ ସହାୟକ ହୋଇ ପାରିଛି । ଦେଶ ଓ ଅଂଚଳର ବିକାଶର ସହ ସମତାଳ ଦେଇ କେମିତି ଏସ ସି ସମ୍ପ୍ରଦାୟ ବି ଆଗେଇବ ସେଥିପ୍ରତି ମୋଦି ସରକାରଙ୍କର ପ୍ରତିବଦ୍ଧତାକୁ ସମସ୍ତେ ପ୍ରଶାସଂଶା କରିଥିଲେ । ଉକ୍ତ ସଭାରେ ଏସ ସି ମୋର୍ଚ୍ଚାର ପ୍ରଭାରୀ ଶ୍ରୀ ଜ୍ଞାନ ମେଘ କାର୍ଯ୍ୟକ୍ରମ ସଂଚାଳନ ସହ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏସ ସି ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ କେଦାର ଜଗତ ସଭାପତିତ୍ୱ କରିଥିଲେ । ବିଧାନସଭା ସ୍ତରୀୟ ପଞ୍ଚଶହରୁଧିକ କାର୍ଯ୍ୟକର୍ତାଙ୍କର ଯୋଗଦାନ ପୂର୍ବକ ଉତ୍ସାହିତ ହୋଇଥିଲେ ଏବଂ ଆଲୋଚ୍ୟ ମୋଦି ସରକାରଙ୍କର ଆଠ ବର୍ଷ ସଫଳ-କାର୍ଯ୍ୟକ୍ରମକୁ ଲୋକାଭିମୁଖୀ- ସୂଚନା-ସଚେତନ କରିବା ପାଇଁ ସଂକଳ୍ପ ନେଇଥିଲେ ।

### ବାରୁଆଁରେ ବିଜେପିର ଅନୁସୂଚିତ ଜନଜାତି ସମାବେଶ

ଘସିପୁରା, (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ଶାସନ ର ସେବା, ସୁଶାସନ ଓ ଗରିବ କଲ୍ୟାଣ ଜନ ସମ୍ପର୍କ ଯାତ୍ରା ମେ ୩୧ ତାରିଖ ଠାରୁ ଜୁନ ୧୫ ଦିନ କାଯ୍ୟକ୍ରମ ଅବସରରେ ଆଜି ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତର ବାରୁଆଁ ଗ୍ରାମ ଠାରେ ବିଜେପି ତରଫରୁ ଅନୁସୂଚିତ ଜନଜାତି ସମାବେଶ ଅନୁଷ୍ଠିତ ହୋଇଯାଇଛି ।ଏହି ସମାବେଶରେ ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ୮ ବର୍ଷ ଶାସନ କାଳରେ ଆଦିବାସୀ ମାନଙ୍କ ର ଅର୍ଥନୈତିକ ଭିତ୍ତିଭୂମିର ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କ୍ଷେତ୍ରରେ ବ୍ୟାପକ ବିକାଶ କରାଯାଇଥିବା ତାକଂ ଭାଷଣରେ କହିଥିଲେ । ବିଜେପି ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ତଥା ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ ତାଙ୍କ ଭାଷଣରେ ଅନୁସୂଚୀତ ଜାତି ର ଲୋକମାନଙ୍କ ର ଅଭୂତପୂର୍ବ ବିକାଶ ହେଇଥିବା କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ, ବିଜେପି ଜିଲ୍ଲା ଉପସଭାପତି ନିରାକାର ଦଳେଇ, ଶାଳବଣି ମଣ୍ଡଳ ସଭାପତି ଟୁକୁନା ମହାନ୍ତ, ବିଶ୍ୱନାଥ ନାୟକ, ପ୍ରାଣବନ୍ଧୁ ସାହୁ ପ୍ରମୁଖ ନେତୃବୃନ୍ଦ କଂ ସମେତ ଶତାଧିକ ଆଦିବାସୀ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।

## ମନରେଗା ଯୋଜନାରେ ଜିଲାରେ ଚାଲିଛି ହରିଲୁଟ

ବୌଦ୍ଧ, (ପି.ଏନ): ବୌଦ୍ଧ ଜିଲାରେ ଦ୍ୱିନଦ୍ୱିପହରେ ମନରେଗା ଯୋଜନାରେ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହେଉଥିବା ବେଳେ ପ୍ରଶାସନ ସବୁ ଜାଣି ନିରବ ରହିବା ଜିଲାବାସୀଙ୍କୁ ଆଶ୍ଚର୍ଯ କରିଛି । ଏପରିକି ଗ୍ରାମବାସୀମାନେ ପ୍ରମାଣ ଦାଖଲ କରିବା ସହ ୩ ଦିନ ହେଲା ଅହୋରାତ୍ର ଗଣଧାରଣା ରେ ବସିଥିଲେ ବି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହାନ୍ତି ଜିଲାପାଳ । କଂଟାମାଳ ବ୍ଲକର ସଦର ପଂଚାୟତ ଅନ୍ତର୍ଗତ ସରଗିପାଲି ଗ୍ରାମରେ ରାସ୍ତା ନିର୍ମାଣ ନକରି ମନରେଗା ଯୋଜନାରେ ମଂଜୁର ସମସ୍ତ ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି । ବ୍ଲକ ସଦର ମହକୁମାରୁ ମାତ୍ର ୨ କିମି ଦୂରରେ ରହିଥିବା ସରଗିପାଲି ଗ୍ରାମରୁ ବନ୍ଧପାଲି ଗ୍ରାମ ପର୍ଯ୍ୟନ୍ତ ମେଟାଲ ରୋଡ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଂଜୁର ହୋଇଥିଲା । ଉକ୍ତ ରାସ୍ତାରେ ଗୋଟିଏ ବି ଗାଡି ମାଟି କିମ୍ବା ମେଟାଲ ନପକାଇ ସମସ୍ତ ଅର୍ଥକୁ ବିଭାଗୀୟ ଅଧିକାରୀମାନେ ବିଲ କରି ଆତ୍ମସାତ କରିଥିବା ନେଇ ସରଗିପାଲି ଗ୍ରାମବାସୀମାନେ ଜିଲାପାଳଙ୍କ ସମେତେ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ପୂର୍ବରୁ ଅନେକଥର ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ତେ ନିରବ ରହିଛନ୍ତି । ଏହା ବିରୋଧରେ ଗ୍ରାମବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦିନ ହେଲା ଦିନରାତି ଗଣଧାରଣାରେ ବସିଛନ୍ତି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପର୍ଯ୍ୟନ୍ତ ଗଣଧାରଣା ଚାଲୁରହିବ ବୋଲି ଗ୍ରାମବାସୀମାନେ କହିଛନ୍ତି । ଅନ୍ୟପଟେ କଣ୍ଟାମାଳ ବିଡ଼ିଓ କଳାକୃଷ୍ଣ ପ୍ରଧାନ , ପଞ୍ଚାୟତ କନିଷ୍ଠଯନ୍ତ୍ରୀ କାହ୍ନୁଚରଣ ସ୍ୱାଇଁ କମ୍ପ୍ୟୁଟର ପ୍ରୋଗ୍ରାମର ସୁଷନ୍ତ ବେହେରା ଓ ଅନ୍ୟମାନେ ସରଗିପାଲି ଗ୍ରାମରେ ପହଂଚି ରାସ୍ତା ନିର୍ମାଣ ନେଇ ଆଲୋଚନା କରିଥିଲେ । ତେବେ ଅସନ୍ତୁଷ୍ଟ ଗ୍ରାମବାସୀ ବିଡ଼ିଓଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ଘେରିଯାଇ ୧ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ । କଣ୍ଟାମାଳ ପୁଲିସ ସହାୟତାରେ ଅଧିକାରୀ ମାନେ ମୁକୁଳିଥିଲେ ।

## ଅବ୍ୟବସ୍ଥା ଭିତରେ ଚାଲିଛି ପ୍ରାଥମିକ ଶିକ୍ଷା , ସ୍କୁଲର ଭିତିଭୂମିର ବିକାଶ ପାଇଁ ଗ୍ରାମବାସୀଙ୍କ ଦାବି

ଜୟପୁର, (ପି.ଏନ): ନାହିଁ ନାହିଁରେ ଚାଲିଛି ବିଦ୍ୟାଳୟ ,ଅବ୍ୟବସ୍ଥା ଭିତରେ ଚାଲିଛି ପ୍ରାଥମିକ ଶିକ୍ଷା,ଗୋଟିଏ ଶ୍ରେଣୀରେ ପାଠ ପଢୁଛନ୍ତି ୩ଟି ଶ୍ରେଣୀର ଛାତ୍ରଛାତ୍ରୀ । ସରକାର ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟବରାଦ କରୁଛନ୍ତି କିନ୍ତୁ ପ୍ରଶାସନିକ ଅବହେଳା କାରଣରୁ ଏହା ଠିକ ଭାବେ କାର୍ଯ୍ୟ କାରୀ ହେଉ ନାହିଁ । ଛାତ୍ର ଛାତ୍ରୀ ଉତ୍ତମ ମାନର ପାଠ ପଢିବା ପାଇଁ ଶ୍ରେଣୀ ଗୃହ,ରୋଷେଇ ଗୃହ ,ପାଇଖାନା ଭଳି ସୁବିଧା ଆଜି ଯାଏଁ ପାଇ ପାରୁ ନାହାଁନ୍ତି ଛାତ୍ର ଛାତ୍ରୀ । ଏ ଦୃଶ୍ୟ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କାମତା ପଞ୍ଚାୟତ ରତାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର । ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ ରହିଛି କେବଳ ୩ଟି ଶ୍ରେଣୀ ଗୃହ । ଏହି ବିଦ୍ୟାଳୟରେ ୨୧୫ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି । ୧୯୩୮ ମସିହାରେ ଗ୍ରାମାଞ୍ଚଳର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର ଏଠାରେ ସ୍କୁଲ ପ୍ରତିଷ୍ଠା ହୋଇଥଲା । କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର ଉନ୍ନତି ହୋଇ ନ ପାରି ଗ୍ରାମାଞ୍ଚଳର ଶିକ୍ଷାର ବିକାଶ ପାଇଁ ପ୍ରଶାସନିକ ତତ୍ପରତା କେତେ ଏହି ବିଦ୍ୟାଳୟକୁ ଦେଖିଲେ ଅନୁମେୟ ହେଉଛି । ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀ ଗୃହ ,ପାଇଖାନା,ରୋଷେଇ ଗୃହ, ଛାତ୍ର ଛାତ୍ରୀଙ୍କ ପାଇଁ ପାନୀୟ ଜଳ ଭଳି ମୌଳିକ ସୁବିଧା ନଥିବା ଦେଖା ଦେଇଛି । ସ୍ଥାନୀୟ ଲୋକେ ବିଭିନ୍ନ ସରକାରୀ କର୍ମଚାରୀ ଏବଂ ରାଜନେତାଙ୍କୁ ଏହି ସ୍କୁଲର ବିକାଶ ପାଇଁ ବାରମ୍ବାର ଦାବି କରିଛନ୍ତି କିନ୍ତୁ ଏହାର ସମାଧାନ ହୋଉ ନଥିବା ଅଭିଯୋଗ ହୋଇଛି । ସେହିପରି ସ୍କୁଲର ଅସୁବିଧା କୁ ପ୍ରାଥମିକତା ଦେଇ ପ୍ରଶାସନ ସ୍କୁଲର ବିକାଶ କରିବା ପାଇଁ ପୁଣି ଥରେ ଦାବି କରିଛନ୍ତି ଅଭିଭାବକ ଏବଂ ଗ୍ରାମବାସୀ ।ତେବେ ଏ ସମସ୍ୟା ସମ୍ପର୍କରେ ସ୍କୁଲ ପରିଚଳନା କମିଟି ମିଟିଂ ରେ ଆଲୋଚନା ହୋଇ ରେଜୁଲେସନ କରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇ ଥିବା କହିଛି ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ସେହିପରି ଅଭିଭାବକ ଏବଂ ଶିକ୍ଷକ ମାନଙ୍କ ଠାରୁ ସ୍କୁଲର ସମସ୍ୟା ବିଷୟରେ ଲିଖିତ ଅଭିଯୋଗ ମିଳିଛି ଏବଂ ଏହାକୁ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଆମେ ସ୍କୁଲର ବିକାଶ ପାଇଁ ଜଣାଇ ଦେଇଥିବା ସଫେଇ ଦେଇଛନ୍ତି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝୀ ।ତେବେ ସରକାର ଗ୍ରାମାଞ୍ଚଳର ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି ତେବେ ଏହି ପୁରାତନ ସ୍କୁଲର ବିକାଶ କେବେ ହେଉଛି ତାହା ହିଁ ଦେଖିବା ବାକି ରହିଲା ।

## କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ କୃଷି ଆଇନର ପ୍ରତ୍ୟାହାର ଦାବୀରେ କିଷାନ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପିଏନ)- କେନ୍ଦ୍ର ବିଜେପି ସରକାର ଚାଷୀମାନଙ୍କ ସହିତ କୌଣସି ବିଚାର ବିମର୍ଷ ନକରି ଯେଉଁ ତିନୋଟି କୃଷି ଆଇନ୍ ପ୍ରଣୟନ କରିଛନ୍ତି ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଚାଷୀ ବିରୋଧୀ ବୋଲି କୁହାଯାଇଛି । ଏହି ବିଲ୍ ତିନୋଟିର କାର୍ଯ୍ୟକାରୀ ହେଲେ ରାଜ୍ୟର ୮୨ ପ୍ରତିଶତ ଚାଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହେବେ । ଭାଗଚାଷୀ କୌଣସି ସୁଫଳ ପାଇବେ ନାହିଁ । ଫଳରେ ଭବିଷ୍ୟତରେ ଚାଷୀ ଓ ଚାଷ କ୍ଷେତ୍ରରେ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟିହେବ । ଏହାଦ୍ୱାରା କେବଳ ଘରୋଇ କମ୍ପାନୀମାନେ ଚାଷୀଙ୍କୁ ଶୋଷଣ କରି ବିପୁଳ ଲାଭବାନ ହେବେ । ତେଣୁ ସମଗ୍ର ଦେଶରେ ଏହା ବିରୁଦ୍ଧରେ ବ୍ୟାପକ ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ରାଜ୍ୟରେ ଅଧିକ ଶାଣିତ କରିବା ପାଇଁ ପିସିସି କିଷାନ କଂଗ୍ରେସର ବହୁ ଗୁରୁଦାୟିତ୍ୱ ରହିଛି ବୋଲି ଓଡ଼ିଶା ପ୍ରଭାରୀ ତଥା ସି.ଡ୍ଲୁ.ସି ସଦସ୍ୟ ସାଂସଦ ଡଃ. ଏ ଚେଲ୍ଲାକୁମାର ତାଙ୍କର ଗତ ୬ ଦିନିଆ



ଓଡ଼ିଶା ଗସ୍ତ କାର୍ଯ୍ୟକାଳରେ କିଷାନ କଂଗ୍ରେସ କର୍ମକର୍ତ୍ତାମାନଙ୍କ ସ୍ୱତନ୍ତ୍ର ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ସମସ୍ତ ବ୍ଲକସ୍ତରରୁ ଚାଷୀ ସ୍ୱାକ୍ଷର ଅଭିଯାନକୁ ବ୍ୟାପକ କରିବା ସହ ପ୍ରତି ଜିଲ୍ଲା ଓ ବ୍ଲକସ୍ତରରେ କଳା କୃଷିବିଲ୍ ସଂକ୍ରାନ୍ତୀୟ କର୍ମଶାଳା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । ଏଥିରେ ବିଭିନ୍ନ କୃଷକ ସଂଗଠନର ପ୍ରତିନିଧି, କୃଷିବିତ୍, କିଷାନ କଂଗ୍ରେସ କର୍ମକର୍ତ୍ତା, ବୁଦ୍ଧିଜୀବି ଓ କୃଷକ ଭାଇମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯାଇ ସରକାରଙ୍କ ଏହି ଚାଷୀମାରଣ ନୀତି ବିରୁଦ୍ଧରେ ପ୍ରତି ଗାଁ ଓ ପଞ୍ଚାୟତସ୍ତରରୁ ସଚେତନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରୀ ଉଲାକା ମଧ୍ୟ ଉପସ୍ଥିତ ରହି କିଷାନ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସକ୍ରିୟ କରିବା ସହ ଚାଷୀଙ୍କ ହକ୍ ପାଇଁ କିଷାନ କଂଗ୍ରେସ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟିର କର୍ମକର୍ତ୍ତା ଓ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷବୃନ୍ଦ ଉପସ୍ଥିତ ରହି ଦଳୀୟ ସଂଗଠନ ଓ ସେମାନଙ୍କ ଜିଲ୍ଲାରେ ଉପୁଜୁଥିବା ଚାଷୀ ସମସ୍ୟା ସମ୍ପର୍କରେ ଡଃ. ଚେଲ୍ଲାକୁମାରଙ୍କୁ ଅବଗତ କରାଇଥିଲେ । କେନ୍ଦ୍ର ସରକାର ସର୍ବପ୍ରଥମେ ଏମ୍.ଏସ୍.ସ୍ୱାମୀନାଥନ୍ ଜାତୀୟ କୃଷକ କମିଶନ-୨୦୦୬ ସୁପାରିଷ ଅନୁଯାୟୀ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ମୋଟ ଉତ୍ପାଦନ ଖର୍ଚ୍ଚର) ଦେଢଗୁଣା ବୃଦ୍ଧି କରିବା ସହ ଦେଶରେ ଋଣଭାରରେ ଥିବା ସମସ୍ତ ଚାଷୀଙ୍କଠାରୁ ତୁରନ୍ତ କୃଷିଋଣ ଛାଡ଼ କରିବା ଓ ୧୯୫୫ ମସିହାର ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ, କଣ୍ଟ୍ରାକ୍ଟ ଫାର୍ମିଂ ବା ଚୁକ୍ତିନାମା ଚାଷ ଆଇନ ଓ ପ୍ରାଇଭେଟ ମଣ୍ଡି ଆଇନକୁ ରଦ୍ କରିବା ପାଇଁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଉଥିବା ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

## ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜୀ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।

## ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ(ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସି ଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।




# କଂଗ୍ରେସର ସାଂଗଠନିକ ନିର୍ବାଚନ ପାଇଁ ଡିଆର୍‌ଓଙ୍କ ରାଉରକେଲା ଗସ୍ତ

ରାଉରକେଲା (ପିଏନ୍): ଅଖିଳ ଭାରତ କଂଗ୍ରେସ କମିଟି ତରଫରୁ ଦେଶବ୍ୟାପି ଚାଲିଥିବା କଂଗ୍ରେସର ସାଂଗଠନିକ ନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ଝା ଆଜି ରାଉରକେଲା ଠାରେ ପହଞ୍ଚିଛନ୍ତି । ଏହି ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏକ ସଭାରେ ଶ୍ରୀ ଝାଙ୍କୁ ସ୍ୱାଗତ କରାଯାଇ ସାଂଗଠନିକ ଜିଲ୍ଲାର ସଭ୍ୟ ସଂଗ୍ରହ ଓ ଅନ୍ୟାନ୍ୟ ସାଂଗଠନିକ ପ୍ରସଙ୍ଗଗୁଡିକ ସମ୍ପର୍କରେ ଅବଗତ କରାଯାଇଥିଲା । ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ତଥା ପ୍ରାକ୍ତନ ରାଉରକେଲା ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ସଭ୍ୟ ସଂଗ୍ରହ ଦାୟିତ୍ୱରେ ଥିବା ଉପସଭାପତି ସଂକ୍ଷେପ ବିଶ୍ୱାଳ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଉପସଭାନେତ୍ରୀ ଶୋଭା ସିଂହ ଓ କାର୍ତ୍ତନ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, କାର୍ଯ୍ୟନିର୍ବାହୀ ସଦସ୍ୟ ସାକିର ହୁସେନ, ବ୍ଲକ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଏସ୍‌ସି ସେଲର ଆବାହକ ଗଜେନ୍ଦ୍ର ତାଂତି ପ୍ରମୁଖ ବକ୍ତବ୍ୟ ରଖି ରାଉରକେଲା ସାଂଗଠନିକ ଜିଲ୍ଲାରେ ଦଳର ସାଂଗଠନିକ ସ୍ଥିତି ଉପରେ ଆଲୋକପାତ କରିଥିଲେ । କଂଗ୍ରେସ ଦଳର ସଭ୍ୟ ସଂଗ୍ରହ ସମ୍ପର୍କରେ ଚର୍ଚ୍ଚା କରି ନେତୃବୃନ୍ଦ ସାଂଗଠନିକ ଜିଲ୍ଲାରେ ସମସ୍ତ ପଦପଦବୀରେ ନିଯୁକ୍ତି ପାଇଁ ଦଳୀୟ ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବାକୁ ମତ ରଖିଥିଲେ । ଦଳର ଉଚ୍ଚ କର୍ତ୍ତୃପକ୍ଷ ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତିଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପଦପଦବୀରେ ଯାହାଙ୍କୁ ନିଯୁକ୍ତ କରିବେ ତାକୁ ସମସ୍ତେ ସାଦରେ ଗ୍ରହଣ କରିବା ପାଇଁ ସର୍ବସମ୍ମତ କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସମସ୍ତ କ୍ଷମତା ଅର୍ପଣ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଝା ବକ୍ତବ୍ୟ ରଖି ଜିଲ୍ଲା କଂଗ୍ରେସର କାର୍ଯ୍ୟକ୍ରମ ଓ ସାଂଗଠନିକ ସ୍ଥିତି ଉପରେ ସଂକ୍ଷେପ ବାଖ୍ୟା କରିବା ସହିତ ଜିଲ୍ଲା କଂଗ୍ରେସର ନିଷ୍ପତ୍ତିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି କହିଥିଲେ । ରାଉରକେଲାର କଂଗ୍ରେସ କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଜୋଶ୍ ଭରି ରହିଛି ବୋଲି ଶ୍ରୀ ଝା ପ୍ରକାଶ କରି ସମସ୍ତେ ମିଳିମିଶି ସଙ୍ଗଠନକୁ ମଜବୁତ କଲେ ଆଗାମୀ ଦିନରେ ବିଜୟ ସୁନିଶ୍ଚିତ ହେବ ବୋଲି କହିଥିଲେ । ଏହି ଅବସରରେ ଶ୍ରୀ ଝାଙ୍କ ସହ ଆସିଥିବା ଅନ୍ୟତମ ସହଯୋଗୀ କ୍ରିଷ୍ଣକାଂ ଶୁକ୍ଲା ସାଂଗଠନିକ ନିର୍ବାଚନୀ ପ୍ରକ୍ରିୟା ଉପରେ ବିଶେଷ ଭାବେ ମତ ରଖି ସର୍ବସମ୍ମତକ୍ରମେ କର୍ମକର୍ତ୍ତା ଚୟନ ସଙ୍ଗଠନକୁ ଅଧିକ ମଜବୁତ କରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଶେଷରେ ଅନ୍ୟତମ ବ୍ଲକ୍ ସଭାପତି ଜାଫର ନୁମାନ ଧନ୍ୟବାଦ ଦେଇଥିବା ବେଳେ ମୁଖପାତ୍ର କୈଳାସ ସାହୁ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ, ପ୍ରତିମା ପାଣିଗ୍ରାହୀ, ତୁଳସୀ ନାଗ, ସରସ୍ୱତୀ ଭୂମିଜ, ସମ୍ପାଦକ କନ୍ତରୁ ପଣ୍ଡା, ରବୀନ୍ଦ୍ର ନାୟକ, ରବୀନ୍ଦ୍ର ଦାସ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ବିଶେଶ୍ୱର ମଲ୍ଲିକ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଜିତେନ୍ଦ୍ର ଦାସ, ରୁକସାନା ବେଗମ, ଦିଲ୍ଲୀପ ଜେନା, ଡେଭିଡ ପ୍ରଧାନ, ପବନ ସାହୁ, ସଲୀମ ଖାନ, ସୁବଳ ବାସୁରୀ, ସାକିର ହୁସେନ, ଲୋକନାଥ ଭୂମିଜ, ବିଜୟ ସାହୁ, ପ୍ରତାପ ସାହୁ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବିଶ୍ୱଜିତ ସାହୁ, କାର୍ତ୍ତିକ ବେଉରିଆ, ସେବାଦଳର ବୁଲୁ ଦାସ, ଶ୍ୟାମ ସାଗର, ଛବି ଦାସ, ଧନଞ୍ଜୟ ମୁଣ୍ଡା, ରେହେମାନ ଖାନ, ବ୍ଲକ୍ ସଭାପତି ଧୁସା ନାୟକ, ପ୍ରତାପ ବେହେରା, ବିଜୟ ଆପଟ, ଶଙ୍କର ଦାସ, ସୁଶୀଲ କିଣ୍ଡୋ, ଅଜୟ ଖାଲକୋ ପ୍ରମୁଖ ଉପସ୍ଥିତ ରହି ଡିଆର୍‌ଓଙ୍କୁ ସାକ୍ଷାତ କରିବା ସହିତ ନିଜ ନିଜର ମତାମତ ରଖିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ତୃପ୍ତି ସାହୁ ଜନ୍ମ ଦିନ ପାଳିଲେ ଗଛ ଲଗାଇ ଓ ଜରା ନିବାସରେ ବସ୍ତ୍ର ବାଂଟି

ଖୋର୍ଦ୍ଧା (ପିଏନ୍)- ଓଡ଼ିଆ ଚଳଚିତ୍ର ଓ ସିରିୟଲ ଜଗତର ଖ୍ୟାତନାମା ଅଭିନେତ୍ରୀ ତୃପ୍ତି ସାହୁ ନିଜର ଜନ୍ମ ଦିନ ପାଳିଛନ୍ତି ଏକ ନିଆରା ଢଙ୍ଗରେ। ସେ ନିଜ ଗ୍ରାମ ଖେଂଟିଲୋରେ ଥିବା ଜରା ନିବାସର ବୃଦ୍ଧବୃଦ୍ଧାମାନଙ୍କୁ ନୂଆ ବସ୍ତ୍ର, ମିଠା, ଫଳ ବାଂଟି ସେମାନଙ୍କ ଗହଣରେ ଜନ୍ମ ଦିନ ପାଳନ କରିଥିଲେ। ସେହିପରି ବର୍ତ୍ତମାନର ଉତାପ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଜନ୍ମ ଦିନରେ ଅନେକ ବୃକ୍ଷ ରୋପଣ କରିଛନ୍ତି। ସୁଶ୍ରୀ ତୃପ୍ତି ଅଭିନୟ କ୍ଷେତ୍ରରେ ନିଜର ଦକ୍ଷତା ପାଇଁ ବହୁ ପୁରସ୍କାର ପାଇଥିବା ବେଳେ କରୋନା ରୋଗୀମାନଙ୍କୁ ସାହାଯ୍ୟ, ଅନାଥ ପିଲା ତଥା ବସ୍ତି ବାସିନ୍ଦାଙ୍କୁ ସାହାଯ୍ୟ ଓ ବୃକ୍ଷ ରୋପଣ ପାଇଁ ବାଚସ୍ପତି ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତା ହୋଇଛନ୍ତି। ତାଙ୍କର ଜନ୍ମ ଦିନରେ ଚଳଚିତ୍ର ଜଗତର ବହୁ ଖ୍ୟାତ ନାମା ନିର୍ଦ୍ଦେଶକ ପ୍ରଯୋଜକ, ଅଭିନେତା, ଅଭିନେତ୍ରୀ ତଥା ସମାଜ ସେବୀ ଓ ରାଜନେତା ଯୋଗଦାନ କରିଥିଲେ। ନିଆରା ଢଙ୍ଗରେ ତୃପ୍ତି ଜନ୍ମ ଦିନ ପାଳନ କରୁଥିବାରୁ ତାଙ୍କୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଥିଲେ।

## ମେୟର, ବିଧାୟକ ଓ କର୍ପୋରେଟର୍‌ଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର (ଓଏନଏସ) (ଆଇଏନଏସ): ସ୍ଥାନୀୟ ୱାର୍ଡ୍ ନଂ ୩୧ ଅନ୍ତର୍ଗତ ନିଗମାନନ୍ଦ ନଗର ଠାରେ ଅଗ୍ରଣୀ ବରିଷ୍ଠ ନାଗରିକ ୱେଲ୍‌ଫେୟାର ଫୋରମ୍ ବମିଖାଲ ଓ ନିଗମାନନ୍ଦ ୱେଲ୍‌ଫେୟାର ଆସୋସିଏସନ୍‌ର ମିଳିତ ଉଦ୍ୟମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, କର୍ପୋରେଟର୍ ଶ୍ରୀ କୁମାରେନ୍ଦ୍ର ମହାପାତ୍ରଙ୍କୁ ମିଳିତ ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଦୁଇ ଅନୁଷ୍ଠାନର ସଭ୍ୟବୃନ୍ଦଙ୍କ ସହିତ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇ ଅନୁଷ୍ଠାନ ପକ୍ଷରୁ ମେୟରଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏହାର ଉତ୍ତରରେ ମେୟର ଓ ବିଧାୟକ ସକାରାତ୍ମକ ଉତ୍ତର ଦେଇ ସ୍ଥାନୀୟ ଅଂଚଳର ମୁଖ୍ୟତଃ ବର୍ଷାଜଳ ନିଷ୍କାସନ ଓ ବେଆଇନ ସରକାରୀ ଜମି ଉଚ୍ଛେଦ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଗୁରୁତ୍ୱ ଦେଇଥିଲେ। ସଂପାଦକ ଶ୍ରୀ ଭକ୍ତବନ୍ଧୁ ଦାସ, ଆଡ଼ଭୋକେଟ୍‌ଙ୍କ ପରିଚାଳନାରେ ଦୁଇ ଅନୁଷ୍ଠାନର ସଭାପତି ଡ଼ ସୁଶୀଲ କୁମାର ନନ୍ଦ ଓ ସୁବାଶ ଚନ୍ଦ୍ର ମହାନ୍ତିଙ୍କ ସହ ଅଦ୍ୱୈତ ଚରଣ ବିଶ୍ୱାଳ, ପ୍ରସନ୍ନ କୁମାର ଭଂଜ, ମିହିର ଚାନ୍ଦ ଦାସ, ନରସିଂହ ଚରଣ ସାହୁ, ଇଂ, ଭାସ୍କର ଚନ୍ଦ୍ର ଦାଶ ମହାପାତ୍ର, ଦର୍ପନାରାୟଣ ନାୟକ, ଇଂ. ଅକ୍ଷୟ କୁମାର ମହାନ୍ତି, ଡ଼ଃ ଦେବେନ୍ଦ୍ର ନାଥ ନାୟକ ପ୍ରମୁଖ ସହାୟତା ଯୋଗାଇ ଦେଇଥିଲେ।

## ଗୋବିନ୍ଦପୁର ଶିତଳଷଷ୍ଠୀ ମହୋତ୍ସବ ଉଦଯାପିତ

—ମନ ମୋହିଲା ଅରୁଆ ଚାଉଳ ଗୁଆଘିଅ—




ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବଡବେରଣା ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଚାରିଦିନ ଧରି ଚାଲିଥିବା ଶୀତଳ ଷଷ୍ଠୀ ମହୋତ୍ସବ ବୁଧବାର ଦିନ ସନ୍ଧ୍ୟାରେ ଉଦଯାପିତ ହୋଇ ଯାଇଛି । ଏ ନେଇ ମହୋତ୍ସବର ସଭାପତି ସରୋଜ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସାଇନର ଡାଇରେକ୍ଟର ଉମାକାନ୍ତ ପଣ୍ଡା ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ସ୍ଥାନୀ ସରପଂଚ ଅସିତ କୁମାର ତ୍ରିପାଠୀ ଓ ସମିତି ସଭ୍ୟାଙ୍କ ସମେତ ଅତିଥିମାନେ ଯୋଗଦେଇ ମହୋତ୍ସବ ହେଉଛି ସଂସ୍କୃତିର ପର୍ବ ବୋଲି ମତବ୍ୟକ୍ତ କରିଥିଲେ। ପରେ କବି ବିପିନ ମହାନ୍ତି, ଶିକ୍ଷୟିତ୍ରୀ ନର୍ମଦା ପଣ୍ଡା, କଣ୍ଠଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ସମାଜସେବୀ ବାଉରୀ ଶ୍ରୀଚନ୍ଦନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅଖିଳେଶ ମହାପାତ୍ର, ସନ୍ତୋଷ କୁମାର ମହାପାତ୍ର ଓ ଅଂଶୁମାନ କର ସଂଯୋଜନା କରିଥିଲେ । ଏଥିରେ ଘୁମୁରା, କଳାହାଣ୍ଡିର ଢୋଲ ମହୁରୀ, ବଲାଙ୍ଗୀରର ମଣିପାଲ ଓ ଯୋଡିଶଙ୍ଖ ପ୍ରମୁଖ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ଖୋର୍ଦ୍ଧାର ଶିଶୁ କଳାକାରମାନଙ୍କ ‘ଅରୁଆ ଚାଉଳ ଗୁଆଘିଅ’ ନାଚଟି ସମସ୍ତଙ୍କ ମନ ମୋହିଥିଲା।

# ପ୍ରକୃତ ଭକ୍ତିର ଲକ୍ଷଣ !



ସନ୍ତୋଷ, ମନର ତୁଷ୍ଟିର ଅନ୍ୟ ଏକ ନାମ। ଏ ଦୃଶ୍ୟମାନ ଜଗତରେ ସବୁ କିଛି ସଂକଳ୍ପ ଶକ୍ତିର ଫଳ। ମଣିଷର ଜୀବନ ତାର ଚିନ୍ତାଧାରା ଉପରେ ନିର୍ଭର କରେ। ଜୀବନ ଅନେକ ପ୍ରକାର କର୍ମର ସମାହାର। ସଂକଳ୍ପ ଅତି ବଳବାନ। ଏହା ମଣିଷକୁ ମନର ଗୋଟିଏ ଅବସ୍ଥାରୁ ଆଉ ଏକ ଅବସ୍ଥାକୁ ଘେନି ଯାଇପାରେ। ଏହା ଗୋଟିଏ ପ୍ରକାର ମଣିଷକୁ ଆଉ ଏକ ପ୍ରକାର ମଣିଷ କରି ଦେଇପାରେ। ପୁରାକାଳରେ ଋଷିମାନେ ପ୍ରଥମାବସ୍ଥାରେ ସାଧାରଣ ଲୋକ ହିସାବରେ ଥିଲେ। କେବଳ ତାଙ୍କ ସଂକଳ୍ପ ବଳରେ ସେମାନେ ମହାନ ଲୋକ ହୋଇ ପାରିଥିଲେ। ସଂକଳ୍ପ ଶକ୍ତି ବଳରେ ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକି ହୋଇ ପାରିଥିଲେ। ସେହି ଶକ୍ତି ବଳରେ ରାମକୃଷ୍ଣ, ରାମକୃଷ୍ଣ ପରମହଂସ ହୋଇ ପାରିଥିଲେ। ଦୁଇ ପ୍ରକାର ସଂକଳ୍ପ ଅଛି। ଗୋଟିଏ ଦୂଷିତ ଓ ଅନ୍ୟଟି ପବିତ୍ର। ପବିତ୍ର ସଂକଳ୍ପ ବଳରେ ମାନବ କଲ୍ୟାଣ ଭଳି ସତକର୍ମ ମାନ ସାଧିତ ହୋଇପାରେ। ଦୂଷିତ ସଂକଳ୍ପରେ ଈର୍ଷା, ଘୃଣା, ସମାଲୋଚନା ପ୍ରଭୃତି ଭରି ରହିଥାଏ। ମଣିଷ ସ୍ୱଭାବର ଦୁଇଟି ପାଖ ଅଛି। ଗୋଟିଏ ପାଶବିକ ଓ ଅନ୍ୟଟି ଦୈବୀ। ମଣିଷ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ଷଡ଼ରିପୁଙ୍କ ଦ୍ୱାରା ଆକ୍ରାନ୍ତ। ମଣିଷ ତା’ଠାରେ ଥିବା ସୁପ୍ରବୃତ୍ତିକୁ ଭଲ କାମରେ ଲଗାଉ ନାହିଁ। ସୁଫଳ ସୃଷ୍ଟି କରୁଥିବା ସତକର୍ମମାନ ଓ ଈଶ୍ୱରଙ୍କ ପ୍ରତି ଉତ୍ସର୍ଗୀକୃତ ଜୀବନ ଦ୍ୱାରା ମାନବ ମାଧବକୁ ରୂପାନ୍ତରିତ ହୋଇଯାଇପାରେ। ଏ ମାର୍ଗରୁ ଦୂରେଇ ଗଲେ ସେ ଭୁଲ କରି ବସେ ଓ ପରିଶେଷରେ ଆସୁରି ପ୍ରବୃତ୍ତି ସମ୍ପନ୍ନ ହୋଇଯାଏ।

ମଣିଷର ଦେହକୁ ଗୋଟିଏ ରଥ ସହ ଓ ଆତ୍ମାକୁ ରଥର ସାରଥି ସହ ତୁଳନା କରାଯାଇପାରେ। ମଣିଷ ଭିତରୁ ଉପୁଜୁଥିବା ଭଲ ଓ ମନ୍ଦ ଚିନ୍ତା ଗୁଡ଼ିକ ପାଇଁ କାରଣ ମଧ ଅଛି। ଏକ ପାଖରେ କାରଣ ଓ ଅନ୍ୟ ପାଖରେ ଫଳାଫଳ। କାରଣ ଓ ଫଳାଫଳ ମଧରେ ଥିବା ସମ୍ପର୍କ ଅବର୍ଣ୍ଣନୀୟ। ସେମାନେ ପରସ୍ପର ନିର୍ଭରଶୀଳ, ଗୋଟିଏ ନଥିଲେ ଅନ୍ୟଟି ରହି ପାରିବ ନାହିଁ। କାରଣ ବିନା କୌଣସି ଘଟଣା ଘଟି ନପାରେ। କିନ୍ତୁ ଗୋଟିଏ କଥା ଅଛି ଯାହା କୌଣସି ହେତୁ ନଥାଇ ମଧ ପ୍ରବେଶ କରିଯାଏ। ତାହା ହେଉଛି ଅହଂଭାବ। ଅହଂଭାବ ଯୋଗୁଁ ମଣିଷ ଅନୁଭବ କରେ ଯେ ତା ସମକକ୍ଷ ଆଉ କେହିନାହିଁ। ଏହାଦ୍ୱାରା ସେ ନିଜକୁ ଭୁଲି ଯାଏ। ଅହଂକାରର ଏଭଳି ଶକ୍ତି। ଅହଂପୂର୍ଣ୍ଣ ଲୋକ କ’ଣ ଠିକ କ’ଣ ଭୁଲ ତାହା ଜାଣି ପାରେନାହିଁ। ସେ ଗୋଟିଏ ପଶୁ ତଥା ଅସୁର ଠାରୁ ବି ହୀନ ହୋଇଯାଏ। ଏହି ଅହଂକାର ବିନାଶ କରିବା ପାଇଁ ଆମକୁ ଆମର ସମସ୍ତ ମନ୍ଦ ଗୁଣ ଗୁଡ଼ିକୁ ହୋମାଗ୍ନିରେ ଉତ୍ସର୍ଗ କରି ଦେବାକୁ ପଡ଼ିବ।

ଆମଠାରେ ଯଦି ସାମାନ୍ୟ ମାତ୍ର ପରିବର୍ତ୍ତନ ନ ଆସିଲା, ତେବେ ଜୀବନ ବୃଥାରେ ନଷ୍ଟ ହୋଇଗଲା ବୋଲି ଜାଣ। ଆଜିକାଲି ଆମେ ଗୋଟିଏ ପ୍ରକାର କଥା କହୁ ତ ଆଉ ଗୋଟିଏ ପ୍ରକାର କାମ କରୁ। ଅହଂକାର ମଣିଷ ଭିତରେ ପ୍ରବେଶ କରି ଘଟିବାକୁ ଯାଉଥିବା କଥା ସବୁ ଭୁଲାଇ ଦେଉଛି। ଆମର ପ୍ରତ୍ୟେକ ଭୁଲ ପାଇଁ, ପ୍ରତ୍ୟେକ ଅପରାଧ ପାଇଁ, ପ୍ରତିଟି ମିଥ୍ୟା ବଚନ ପାଇଁ ଫଳଭୋଗ କରିବାକୁ ପଡ଼ିବ। ତେଣୁ ସୁଗୁଣର ଅଭିବୃଦ୍ଧି କରି ମଙ୍ଗଳ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବା।

**‘ଯଦଭାବମ ତଦ ଭବତି।’** ଅର୍ଥାତ୍ ଆମେ ଯେମିତି ଭାବିବା ସେମିତି ହୋଇପାରିବା। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ କହିଛନ୍ତି ‘କେବଳ ନିର୍ମଳ ହୃଦୟ ବ୍ୟକ୍ତିମାନେ ହିଁ ଈଶ୍ୱର ଦର୍ଶନ ଲାଭ କରନ୍ତି। ଅଧିକରୁ ଅଧିକ ଦୈବୀ କୃପା ଲାଭ କରି ନେବା ପାଇଁ ହୃଦୟକୁ ବୃହତରୁ ବୃହତ୍ତର କର। ଛୋଟିଆ ପାତ୍ରଟିଏ ନେଇ ଯାଇ ତୁମେ ସେଥିରେ ସମୁଦ୍ରର ସମୁଦାୟ ଜଳ ନେଇ ଆସିପାରିବ ନାହିଁ। ପାତ୍ରରେ ଯାଗା ଧରୁଥିବା ପରିମାଣର ଜଳ କେବଳ ପାଇ ପାରିବ। ତୁମେ ନିଜକୁ ଜଣେ ବଡ଼ ଭକ୍ତ ଓ ବହୁ ହିତକର କାର୍ଯ୍ୟରେ ସମ୍ପୃକ୍ତ ବୋଲି କହି ବିଶ୍ୱକୁ ଠକି ଠକି ଚାଲିଛ। ଜଣଙ୍କର କାର୍ଯ୍ୟ କଳାପ, ଆଚରଣ ବ୍ୟବହାରରୁ ହିଁ ପ୍ରକୃତ ଭକ୍ତି ଜଣା ପଡ଼ିବ।

**ଭବାଶିଷ ଦାସ,** ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୯୮୬୧୧୧୮୬୭୩

# ନିର୍ମାଣ ଶ୍ରମିକଙ୍କ ସମସ୍ୟା ନେଇ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ବିକ୍ଷୋଭ: ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର (ପିଏନ୍): ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ନିର୍ମାଣ ଶ୍ରମିକ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଶୋଭାଯାତ୍ରାରେ ବାହାରି ଜନପଥସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ଧାରଣା ଅନୁଷ୍ଠିତ ହୋଇଥିଲା। ଧାରଣାସ୍ଥଳରେ ସମନ୍ୱୟ କମିଟିର ନେତା ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟିର ରାଜ୍ୟ ଆବାହକ ବିଜୟ ଜେନା ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ଦାବି ଉପସ୍ଥାପିତ କରିବା ସହ ଏହାର ସମାଧାନ ନିମନ୍ତେ ଦାବି କରିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଶ୍ରମ କମିଶନର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପୂର୍ବ ପ୍ରଦତ୍ତ ସାତ ଦଫାଦାବି ଉପରେ ଆଲୋଚନା ହୋଇଥିଲା। ଦାବିଗୁଡ଼ିକ ପୂରଣ କରିବାରେ ବିଭିନ୍ନ ବାହାନାରେ ଅସମର୍ଥତା ପ୍ରକାଶ କରିବାରୁ ୟୁନିୟନ୍‌ର ପ୍ରତିନିଧିମାନେ ଅସନ୍ତୁଷ୍ଟ ହୋଇ ଆଲୋଚନାରୁ ପ୍ରତ୍ୟାବର୍ତ୍ତନ କରି ଦାବି ହାସଲ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଘୋଷଣା କରିଥିଲେ। ପରେ ଦାବିଗୁଡ଼ିକ ବିଚାର କରିବା ସହ ଅନ୍‌ଲାଇନ୍ ପ୍ରକ୍ରିୟାରେ ପଞ୍ଜିକରଣ ଓ ବିଭିନ୍ନ ସହାୟତା ରାଶି ଆବେଦନ ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିବେ ସମ୍ପର୍କରେ ମଣ୍ଡଳ ଶ୍ରମ ଆୟୁକ୍ତ ଏବଂ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କୁ ପତ୍ର ସଂଖ୍ୟା ୫୯୧ ତା ୨୫.୦୫.୨୦୨୨ରିଖ ନିର୍ଦ୍ଦେଶନାମା ପରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଗୋକୁଳ ମେହେର, ସୁର ଜେନା, ବିପ୍ଳବ କେଶରୀ ମହାପାତ୍ର, ଲକ୍ଷ୍ମୀଧର ସାହୁ, ମହାବୀର ପ୍ରସାଦ ମିଶ୍ର, ପ୍ରବୀଣ ଦାସ, ସୁକୁ ଖିନଗୁଡ଼ି, ଇସ୍‌ମାଇଲ୍ ମାଳୀ, ଶିଶିର ମଲ୍ଲିକ, ଜ୍ଞାନ ରଞ୍ଜନ ଦାସ, ସତ୍ୟ ତ୍ରିପାଠୀ, ଶାନ୍ତିଲତା ରାଉତ, ଜୟନ୍ତ ଦାସ, ପ୍ରକାଶ ମହାନ୍ତି, ବଳରାମ କୁଶୁଲିଆ, ମଞ୍ଜୁଳା ମଞ୍ଜରୀ ମିଶ୍ର, ବିର[illegible] ବିଶ୍ୱାଳ, ସସ୍ମିତା ବସ୍ତିଆ, କରୁଣାକର ମହାରଣା, ଅବକାଶ ସାହୁ, ଜୀବନ ଜ୍ୟୋତି ବାଗ୍, କାହ୍ନୁ ବେହେରା, ନାରାୟଣ ବୁଡେକ୍, ଅଶୋକ ସାହୁ, ଜୟକୃଷ୍ଣ ମହାପାତ୍ର, ବିଷ୍ଣୁ ପ୍ରସାଦ ଭୁଜବଳ, ରବି ନାରାୟଣ ମହାନ୍ତି, ଅର୍ଜୁନ ରଣା, ପୁଣ୍ଡରିକ ଦୁବେ, ସୁବାସ ଦାସ, ସୁବାସ ଚନ୍ଦ୍ର ସୁନା, ସୁଦର୍ଶନ ବାରିକ, ଲୋକନାଥ ଶତପଥୀ, ପ୍ରତାପ ଚିନରା, ଶଙ୍କର ବେହେରା, ମନୋରଞ୍ଜନ ସାହୁ, ବିଜୟ ଜେନା, ବିକ୍ରମ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ ଓ ନିର୍ମାଣ ଶ୍ରମିକଙ୍କ ନ୍ୟାୟୋଚିତ ଦାବି ହାସଲ ନିମନ୍ତେ ଆହ୍ୱାନ ଦେଇଥିଲେ।

## ଗଡବାନ୍ଧଗୋଡା ସମବାୟ ସମିତିର ସମ୍ପାଦକ ସଡକ ଦୁର୍ଘଟଣାରେ ଆହତ

ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଗଡବାନ୍ଧଗୋଡା ସମବାୟ ସମିତିର ସମ୍ପାଦକ ଈଶ୍ୱର ଚନ୍ଦ୍ର ସାହୁ ସମିତି କାର୍ଯ୍ୟରେ ସାଇଁକୁଳଠାରେ ଥିବା କେନ୍ଦ୍ର ସମବାୟ ବ୍ୟାଙ୍କ୍‌କୁ ମୋଟରସାଇକେଲ ଯୋଗେ ଆସୁଥିବାବେଳେ ନୂଆଗାଁ ନିକଟରେ ଏକ କୁକୁର ମୋଟରସାଇକେଲ ମଧ୍ୟକୁ ପଶି ଆସିବାରୁ ଶ୍ରୀ ସାହୁ ମୋଟରସାଇକେଲରୁ ଛିଟିକି ପଡିଥିଲେ । ଫଳରେ ତାଙ୍କର ହାତ ଓ ଗୋଡରେ ଗଭୀର ଆଘାତ ଲାଗିଛି । ସେ ପ୍ରଥମେ ସାଇଁକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡିଛି ।

## ପୌର କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପୌରାଧକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗା ଚରଣ ଦଳେଇ, ପୌର ଅଧିକାରୀ ଲଳିତ କୁମାର ନାୟକଙ୍କ ଉପସ୍ଥିତିରେ ସମସ୍ତ କାଉନ୍‌ସିଲର ମାନେ ଉପସ୍ଥିତ ରହି ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ପୌରପରିଷଦର ୪ ଏବଂ ୮ନଂ ୱାର୍ଡର ନୂତନ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ସହିତ ୬ଷ୍ଠ ପର୍ଯ୍ୟାୟ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।

## ବେଆଇନ୍ ବାଲି ଚାଲାଣ, ୪ ହାଇୱା ଜବତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ତହସିଲ ପକ୍ଷରୁ ବେଆଇନ୍ ବାଲି ଚାଲାଣ ହେଉଥିବା ବେଳେ ତହସିଲଦାର ୪ଟି ହାଇୱାକୁ ଜବତ କରିବା ସହ ଜୋରିମାନା ବାବଦକୁ ୪୦ ହଜାର ଟଙ୍କା ଆଦାୟ କରାଯାଇଥିବା ସୂଚନା ଦେଇଥିବା ବେଳେ ଗତ ମାସ ୧୩ତାରିଖରେ ଜବତ କରିଥିବା ଦୁଇଟି ଟ୍ରାକ୍ଟରଠାରୁ ୭୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ପ୍ରକାଶ କରିଛନ୍ତି ।

## ଦୁଷ୍ମନ୍ତଙ୍କ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): ବିଶିଷ୍ଟ ଆଇନ୍‌ଜୀବୀ ତଥା ସୁନ୍ଦରଗଡ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି, ବରିଷ୍ଠ ନେତା ସ୍ୱର୍ଗତ ଦୁଷ୍ମନ୍ତ ନାୟକଙ୍କ ଅକାଳ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଗଭୀର ଶୋକବ୍ୟକ୍ତ କରାଯାଇଛି । ଗତକାଲି ୫ ତାରିଖରେ ସ୍ୱର୍ଗତ ନାୟକଙ୍କ ନିଧନ ଖବର ମିଳିବା ପରେ ଏକ ଜରୁରୀ ବୈଠକ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଉପସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସଭାପତି ତଥା ରାଉରକେଲା ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ ଓ ସବୀର ହୁସେନ, ଉପସଭାପତି ଉମେଶ ଶରଣ ଓ ଶୋଭା ସିଂହ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ଭାସ୍କର ଖିଲ୍ଲାର, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ବିଜୟ ଆପଟ ଓ ପ୍ରତାପ ବେହେରା ପ୍ରମୁଖ ଏହି ଅବସରରେ ବକ୍ତବ୍ୟ ରଖି ସ୍ୱର୍ଗତ ଦୁଷ୍ମନ୍ତ ନାୟକ ଜଣେ ପରୋପକାରୀ, ମେଳାପୀ ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ ବୋଲି କହିଥିଲେ । ସୁନ୍ଦରଗଡ ଜିଲ୍ଲାରେ କଂଗ୍ରେସ କର୍ମୀଙ୍କ ସହିତ ସୁସମ୍ପର୍କ ରକ୍ଷା କରି କଂଗ୍ରେସ ସଙ୍ଗଠନକୁ ମଜବୁତ କରିବାରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ । ଅସମୟରେ ତାଙ୍କର ବିୟୋଗ କଂଗ୍ରେସ ପରିବାର ସମେତ ସମଗ୍ର ସୁନ୍ଦରଗଡ ଜିଲ୍ଲା ପାଇଁ ଏକ ବିଶେଷ କ୍ଷତି ବୋଲି ନେତୃବୃନ୍ଦ ପ୍ରକାଶ କରି ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ । ଏହି ଅବସରରେ ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁଧୀର ନାଥ, ବୁଲୁ ଦାସ, ସୁବଳ ବାସୁରୀ, ସାଧାରଣ ସମ୍ପାଦକ ତୁଳସୀ ନାଗ, ମୁଖପାତ୍ର କୈଳାସ ସାହୁ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟା ରୁକସାନା ବେଗମ, ରେହେମାନ ଖାନ, ସାକିର ହୁସେନ, ଦିଲ୍ଲୀପ ଜେନା, ଶ୍ୟାମ ସାଗର, ଧର୍ମେନ୍ଦ୍ର ପରମାର, ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ସାମିଲ୍ ହୋଇ ସ୍ୱର୍ଗତ ନାୟକଙ୍କ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ମହାନଦୀ ଉଦ୍ଧାର ପାଇଁ ପାରାଦୀପରେ ସତ୍ୟାଗ୍ରହ




ପାରାଦୀପ (ପିଏନ୍)- ଛତିଶଗଡର କଲମା ବ୍ୟାରେଜ୍ ନିର୍ମାଣ ପରେ ମହାନଦୀର ଓଡିଶାପ୍ରାନ୍ତରେ ଜଳାଭାବ ଦେଖାଦେଲାଣି । କଲମା ବ୍ୟାରେଜ୍‌ର ଅପରପାର୍ଶ୍ୱ ସୁଖାସୋଡାରେ ମହାନଦୀର ନଦୀଶଯ୍ୟା ବିସ୍ତିର୍ଣ୍ଣ ଅଂଚଳ ମରୁଭୂମିର ଭ୍ରମ ସୃଷ୍ଟି କରିଛି । ଓଡିଶାବାସୀଙ୍କ ଜୀବନଧାରା ହେଉଛି ମହାନଦୀ । ମହାନଦୀର ପାଣି ପ୍ରତିଟି ଓଡିଆଙ୍କ ପାଇଁ ଜୀବନଯାପନରେ ବିନିଯୋଗ ହୋଇଥାଏ । ଛତିଶଗଡ ବ୍ୟାରେଜ୍ ନିର୍ମାଣ କରିବା ପରେ ଓଡିଶାକୁ ଆଉ ପାଣି ଛାଡୁନାହିଁ । ଓଡିଶାକୁ ଛତିଶଗଡ ନିରବଛିନ୍ନ ଭାବେ ମହାନଦୀରେ ଜଳପ୍ରବାହିତ କରାଇବା ଦାବୀରେ ମହାନଦୀ ଓ ବଙ୍ଗୋପସାଗରର ମିଳନସ୍ଥଳ ପାରାଦୀପ ନିକଟସ୍ଥ ଚଉମୁହାଣିଠାରେ ଓଡିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ମହାନଦୀ ଉଦ୍ଧାର ପାଇଁ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା । ସମାଜସେବୀ ତଥା ମହାନଦୀ ବଂଚାଅ ଅଭିଯାନର ସଦସ୍ୟ ଶ୍ରୀବଲ୍ଲଭ କର ଯୋଗଦେଇ ମହାନଦୀକୁ ବଂଚେଇବା ପାଇଁ ସଂଗ୍ରାମ ଜାରୀ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ଯୁବ ଆଇନଜୀବୀ ଗତିକୃଷ୍ଣ ଶତପଥି, ପାରାଦୀପ ଯୁବକ ସଂଘର ସଭାପତି ଇଂ. ମନୋଜ କୁମାର ନାୟକ, ସାମ୍ବାଦିକ ଶରତ କୁମାର ରାଉତ ପ୍ରମୁଖ ଯୋଗଦେଇ ସତ୍ୟାଗ୍ରହରେ ସାମିଲ ହୋଇଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଠିକାଦାରଙ୍କ ଖେଳ ଆଦିବାସୀ ପିଲାଙ୍କ ପାଇଁ ହେଲା କାଳ

କେନ୍ଦ୍ରାପଡା,(ପି.ଏନ): ଜନୈକ ଠିକାଦାରଙ୍କ ଦ୍ୱାରା ବେଆଇନ୍ ଭାବେ ମାଟି ଖୋଳାଯାଇ ରାସ୍ତା କାମରେ ବ୍ୟବହାର କରାଯିବା ଯୋଗୁଁ ଦୁଇ ଆଦିବାସୀ ପିଲାଙ୍କ ପାଇଁ ତାହା କାଳ ହୋଇଥିବା ଦେଖାଯାଇଛି । ଯେଉଁ ସ୍ଥାନରୁ ଠିକାଦାର ମାଟି ଖୋଳୁଥିଲେ ସେହି ସ୍ଥାନରେ ମାଟି ଧସି ଯିବାରୁ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ମାଗୁରଗଣ୍ଡପାଟଣା ଗ୍ରାମର ବିରିବାଟି ଦଣ୍ଡାରେ ରହୁଥିବା ଦୁଇ ଆଦିବାସୀ ନାବାଳକଙ୍କ ମୃତ୍ୟୁ ହୋଇଯାଇଛି । ମୃତ ନାବାଳକ ଦ୍ୱୟ ହେଲେ ବୁଲା ଜଙ୍କଙ୍କ ପୁଅ ମାନ ଜଙ୍କ(୮) ଓ ବୁଦୁରିଆ ଚାମ୍ପିଆଙ୍କ ପୁଅ ଶାରଦା ଚାମ୍ପିଆ(୧୩) । ଖବର ଅନୁଯାଇ ମାଗୁରଗଣ୍ଡପାଟଣାରୁ ନାନକାର ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ସେହି ରାସ୍ତା କାମରେ ମାଟି ବ୍ୟବହାର ପାଇଁ ଠିକାଦାର ଜଣକ ନିକଟ ଏକ ସ୍ଥାନରୁ ଚୋରାରେ ମାଟି ତାଡୁଥିଲେ । ଯେଉଁଠାରୁ ଚୋରାରେ ମାଟି ତାଡିଥିଲେ ସେହି ସ୍ଥାନକୁ ଏକ ପୋଖରୀ ଭଳି କରି ଦେଇଥିଲେ । ସେହି ସ୍ଥାନରେ ବିରିବାଟୀ ଦଣ୍ଡାରେ ରହୁଥିବା ବୁଲା ଜଙ୍କଙ୍କ ପୁଅ ମାନ ଜଙ୍କ, ବୁଦୁରାମ ଚମ୍ପିଆଙ୍କ ପୁଅ ଶାରଦା ଚମ୍ପିଆଙ୍କ ସମେତ ୬ ଜଣ ନାବାଳକ ଖେଳୁଥିଲେ । ସେହି ସମୟରେ ମାଟି ଅତଡ଼ା ଧସିଥିଲା । ଫଳରେ ତାହା ପିଲାମାନଙ୍କ ଉପରେ ଅଜାଡି ହୋଇ ପଡିଥିଲା । ଏହାପରେ ଖାଲରୁ ୪ ଜଣ ପିଲା ଜୀବନ ବିକଳରେ ଉଠି ଯାଇଥିଲେ । ହେଲେ ଦୁଇ ଜଣ ପିଲା ସେଠାରେ ଫସି ରହି ଯାଇଥିଲେ । ସନ୍ଧ୍ୟା ସୁଦ୍ଧା ପିଲାଦ୍ୱୟ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ । ଏହାପରେ ଉକ୍ତ ସ୍ଥାନରୁ ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ । ଏହାପରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ପିଲା ଦ୍ୱୟଙ୍କୁ ମୃତଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଆଲୋଡନ ସୃଷ୍ଟି ହେଇଛି । ଏସମ୍ପର୍କରେ ଖବର ପାଇ କେନ୍ଦ୍ରାପଡା ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏନେଇ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରିଛି ପୋଲିସ । ଅଭିଯୁକ୍ତ ଠିକାଦାରକୁ ତୁରନ୍ତ ଗିରଫ କରାଯିବା ପାଇଁ ବିଭିନ୍ନ ମହଲରୁ ଦାବି ଜୋର ଧରିଛି ।





## ଫେସବୁକରେ ଯୁବତୀଙ୍କ ନାମରେ ଫେକ ଆକାଉଣ୍ଟ ଖୋଲି ନଗ୍ନ ଫଟୋ ଓ ଭିଡ଼ିଓ ପୋଷ୍ଟ କରୁଥିବା ଯୁବକ ଗିରଫ

ପାରାଦୀପ ,(ପି.ଏନ): ଫେସବୁକରେ ମହିଳାଙ୍କ ମାନଙ୍କ ନାମରେ ଫେକ ଆଇଡି ଖୋଲି ନଗ୍ନ ଫୋଟୋ ଓ ଭିଡିଓ ଅପଲୋଡ଼ କରି ଯୁବତୀଙ୍କୁ ବ୍ଲାକ ମେଲ କରିବା ସହିତ ଯୁବକ ମାନଙ୍କୁ ଠକୁ ଥିବା ଯୁବକ କୁ ପାରାଦୀପ ଆଦର୍ଶ ଥାନା ଆଇଆଇସି ପି ଏଲ ପୂଜାରୀ ଗିରଫ କରି ବୁଧବାର ଦିନ କୋର୍ଟ ଚାଲାଣ କରିଛନ୍ତି ।ପୋଲିସ ସୂତ୍ରରୁ ପ୍ରକାଶ ଯେ ଗତ ଫେବୃଆରୀ ମାସ ୧୭ ତାରିଖରେ ଜୈନିକ ଯୁବତୀ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ ଯେ କେହି ଜଣେ ତାଙ୍କ ନାମ ଏବଂ ଫଟୋ ବ୍ୟବହାର କରି ଏକ ଫେକ ଆକାଉଣ୍ଟ ଖୋଲା ଯାଇଛି । ଉକ୍ତ ବ୍ୟକ୍ତି ତାଙ୍କର ନଗ୍ନ ଫଟୋ ଦେବାକୁ ଦାବୀ କରୁଛି ଏବଂ ନ ଦେଲେ ସେ ଆହୁରି ଅଧିକ ନଗ୍ନ ଫଟୋ ପୋଷ୍ଟ କରିବ ବୋଲି ଧମକ ଦେଇଛି ।

# ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଦାବିରେ ବିକ୍ଷୋଭ

ଜୟପୁର, (ପି.ଏନ): ଦକ୍ଷିଣ ଓଡିଶାର ଦ୍ୱିତୀୟ ବୃହତମ ସହର ହେଉଛି ଜୟପୁର । ୨୦୧୭ ମସିହା ଠାରୁ ଜୟପୁର ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଦାବୀ ହୋଇ ଆସୁଛି । ଏହି ଦାବି ନେଇ ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ସର୍ବଦଳୀୟ ତରଫରୁ ବିକ୍ଷୋଭ କରାଯାଇଛି । ଏହି ବିକ୍ଷୋଭରେ ପୌର ଅଧକ୍ଷନରେନ୍ଦ୍ର ମହାନ୍ତି, ବିଜେଡି ନଗର ସଭାପତି ହର ମିଶ୍ର,ସିପିଆଇ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାଜେନ୍ଦ୍ର କୁମାର ଗୌଡ଼, ସହଦେ୍ୱ ପଟ୍ଟନାୟକ, ତାପସ ପଣ୍ଡା, ପ୍ରମୋଦ ମହାନ୍ତି, ସତ୍ୟବ୍ରତ ନନ୍ଦ, ପ୍ରଣବ ପ୍ରକାଶ ନାୟକ, ତ୍ରିପତି ପାଣିଗ୍ରାହୀ, ଚନ୍ଦ୍ର ଶେଖର ମହାକୁଡ଼, କାର୍ତ୍ତିକ ରାଉତ, ଗୌରୀ ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ରହିଥିଲେ । କେନ୍ଦ୍ରୀୟ ବିଦ୍ୟଳୟ ଖୋଲିବା ପାଇଁ ମଧ୍ୟ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ଆସ୍ଥାୟୀ କୋଠା ବ୍ୟବସ୍ଥା କରାଯାଇଛି । ଆଶା ଥିଲା ଚଳିତ ବର୍ଷ ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲବ । କେନ୍ଦ୍ର ସରକାରଙ୍କ ଏବଂ ରାଜ୍ୟ ସରକାର ଙ୍କ ମଧ୍ୟରେ ତାଳ ମେଳ ଅଭାବ ରୁ କେନ୍ଦ୍ରୀୟ ବିଦ୍ୟାଳୟର ଆଶା ଏବେ ନିରାଶାରେ ପାଲଟିଯାଇଛି । ଏପଟେ ଆଜି ସର୍ବଦଳୀୟ ପକ୍ଷରୁ ପ୍ରତିବାଦ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି ।କୋରାପୁଟ ଜିଲ୍ଲାର ମୁଖ୍ୟ ସହର ହେଉଛି ଜୟପୁର ସହର । ଏହାର ଲୋକ ସଂଖ୍ୟା ପ୍ରାୟ ଏକ ଲକ୍ଷ ୧୦ ହଜାର ରୁ ଉର୍ଦ୍ଧ ହେବ । କିନ୍ତୁ ଏତେ ବଡ ସହର ଦୃଷ୍ଟି କୋଣରୁ ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟଟିଏ ରହିବା କଥା । ଏପଟେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ଲୋବାଲ ହସପିଟାଲ ପଛପଟେ ଟାଉନ ମଧ୍ୟରେ ୮ ଏକର ଜମି ଦେବାକୁ ସବୁ କାମ ସରିଛି । ଖାଲି ସେତିକି ନୁହେଁ ଚଳିତ ବର୍ଷ ଅସ୍ଥାୟୀ ଭାବେ ବିଦ୍ୟାଳୟ ଚାଲିବା ପାଇଁ ଆଦିବାସୀ ସମନ୍ୱିତ ବିଭାଗର ଅନ୍ୱେଶା କୋଠା ଘର ବି ହସ୍ତାନ୍ତର କରିଛି ପ୍ରଶାସନ । ଏଥିପାଇଁ ଜୟପୁରବାସୀଙ୍କ ମନରେ କ୍ଷୋଭ ସୃଷ୍ଟି ହୋଇଛି । ସେଥିପାଇଁ ଆଜି ସବୁ ଦଳର ପ୍ରତିନିଧି ମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଯଦି କେନ୍ଦ୍ରିୟ ବିଦ୍ୟାଳୟ ଚଳିତ ବର୍ଷ ସ୍ଥାପନ ନ କରାଯାଏ ତେବେ ଆଗାମୀ ଦିନରେ କୋରାପୁଟ ଜିଲ୍ଲାକୁ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି ଜୟପୁର ସର୍ବଦଳୀୟ ନେତା ଓ ସହରବାସୀ ।

# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିତ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ

ବଲାଙ୍ଗୀର,(ପି.ଏନ): ଆଜି ସନ୍ଧ୍ୟା ୬ ସମୟରେ ବଲାଙ୍ଗୀର ଟାଉନ ବାଳିକା ହାଇସ୍କୁଲ ର ବାର୍ଷିକ ଉତ୍ସବ ମହା ସମାରୋହ ରେ ପାଳିତ ହୋଇ ଯାଇଛି କ୍ଷ ବଲାଙ୍ଗୀର ବିଧାୟକ ଶ୍ରୀ ନରସିଂହ ମିଶ୍ର ଏହି ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ଗଣେଶ ସରସ୍ୱତୀ ଙ୍କ ପ୍ରତିମୂର୍ତ୍ତି ରେ ପୂଜାର୍ଚ୍ଚନା କରି ଅଡିଟୋରୀୟମ କୁ ଉଦଘାଟନ କରିଥିଲେ । ଏବଂ ସଭା ରେ ଉଦବୋଧନ ଦେଇ ଛାତ୍ର ଛାତ୍ରୀ ଶୃଙ୍ଖଳା ରଖିଲେ, ମନ କୁ ଦୃଢ଼ କଲେ ଓ ବାହ୍ୟ ଜ୍ଞାନ ଆହରଣ କଲେ ସମସ୍ତେ ବଡ଼ ମଣିଷ ହେବ ଓ ସବୁଠି ସଫଳତା ପାଇବ ବୋଲି ମତ ରଖି ଜ୍ଞାନ କୁ କେବଳ ବହି ଭିତରେ ସୀମିତ ନ ରଖିବା କୁ କହିଥିଲେ କ୍ଷ ଏବଂ କେବଳ ଭିତିଭୂମି ହେଲେ ହେବନି ଉତ୍ତମ ଶିକ୍ଷା ପାଇଁ ପୂର୍ଣ୍ଣ ମାତ୍ରକ୍ଷ ରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି କଲେ ସରକାରଙ୍କ ୫ ସଫଳତା ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପୌର ଅଧକ୍ଷା ଶ୍ରୀମତୀ ଲିକା ସାହୁ, ବଲାଙ୍ଗୀର ଡି ଏଫ ଓ ଶ୍ରୀ ନୀତିଶ କୁମାର (ଆଇ ଏଫ ଏସ ) ଓ ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଏ ଡି ଇ ଓ କେଶବ ମେହେର, ଯୋଗ ଦେଇ ମତ ରଖି ଛାତ୍ରୀ ଓ ଅଭିଭାବକ ଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଡଃ ଗୀତାଞ୍ଜଳି ପାଢ଼ୀ ସି ଟି ଇ ଅଧକ୍ଷା ଯୋଗ ଦେଇ ଯେବେ ଦୃଢ଼ ଇଚ୍ଛା ଶକ୍ତି ବିଚାର ଶକ୍ତି, ସାଧନା ଶକ୍ତି ସବୁ ଶକ୍ତି ଏକାଠି ହୋଇ ଯାଆନ୍ତି ଓ ଯେଉଁ ଛାତ୍ର ଛାତ୍ରୀ ସମୟ ର ସଦ ଉପଯୋଗ କରିଥାନ୍ତି ତାହେଲେ ପ୍ରତ୍ୟକ କ୍ଷେତ୍ରରେ ସଫଳତା ଅତି ସହଜ ହୋଇଥାଏ ବୋଲି ମତ ରଖିଥିଲେ । ଡି ଇ ଓ ଧ୍ରୁବ ଚରଣ ବେହେରା ଙ୍କ ସଭାପତିତ୍ୱ ରେ ଆଜିର ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ମିଶ୍ର ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ପି ଇ ଟି କସ୍ତୁରୀ ରଥ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ର ଛାତ୍ରୀ ଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା କ୍ଷ ବିଦ୍ୟାଳୟ ର ଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସମେତ ବଲାଙ୍ଗୀର ର ବହୁ ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ଓ ମାନ୍ୟ ଗଣ୍ୟ ବ୍ୟକ୍ତି ଏହି ଉତ୍ସବ ରେ ଯୋଗ ଦେଇଥିଲେ । ଅବସର ଶିକ୍ଷୟତ୍ରୀ ଅନିତା ସିଂହ, ଚତୁର୍ଥ କର୍ମଚାରୀ ଟିକେ ଜାଲ ଙ୍କୁ ସଭାରେ ମୁଖ୍ୟ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ କ୍ଷ ଶିକ୍ଷୟିତ୍ରୀ ତପସ୍ୱିନି ମହାପାତ୍ର ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ

# ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ମରୁଡି ସହାୟତା ଦାବିକରି ବଲାଂଗୀର ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ କୃଷକ ମାନଙ୍କ ଧାରଣା

ବଲାଙ୍ଗୀର ,(ପି.ଏନ): ଆଜି ବଲାଙ୍ଗିର ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ଆଉଟପୁଟ ସବ୍ସିଡି ଦାବିକରି ବଲାଙ୍ଗିର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ପ୍ରଦର୍ଶନ କରିଥିଲେ । ୨୦୨୧ ର ମରୁଡି ସମୟରେ ଚାଷୀ ମାନକୁ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ବର୍ତ୍ତମାନ ବୀମା କମ୍ପାନୀ ବହୁ ଚାଷୀଙ୍କର୍ ବୀମା ବାତିଲ କରିଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି । ମହାସଂଘ ସଭାପତି ଜତି ପଧାନି , ଉପସଭାପତି ଷୌମେନ୍ଦ୍ର ପରିଚ୍ଛା ( ଚଗଲା) ସହ ସମ୍ପାଦକ ଗଗନ ନାଥ ,ବଲାଙ୍ଗିର ବ୍ଲକ ସଭାପତି ଯୋଗେଶ୍ୱର ଜେନା ସମେତ ସମସ୍ତ ଜିଲ୍ଲାର ପଦାଧିକାରୀ ମାନେ ଧାରଣାରେ ଥିଲେ ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲୋଚନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉପ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧ୍ୟରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଲେଭେଲ କ୍ରସିଂଠାରେ ପଥଚାରୀମାନଙ୍କୁ ପ୍ରଶିକ୍ଷିତ କରିବାପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର, (ପି.ଏନ): ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ପାଳନ ଅବସରରେ ସଡ଼କ ବ୍ୟବହାରକାରୀଙ୍କୁ ପ୍ରଶିକ୍ଷିତ କରାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଜନସଚେତନତା ଅଭିଯାନ ଆୟୋଜନ କରାଯାଇଅଛି । ଏହି ଲେଭଲ କ୍ରସିଂ ସଚେତନତା ଅଭିଯାନ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଗଣ ଯୋଗାଯୋଗ ମାଧ୍ୟମ ସହିତ ପୋଷ୍ଟର, ଲିଫଲେଟ୍ ବଣ୍ଟନ, ବିଭିନ୍ନ କ୍ଷୁଦ୍ର ଅବଧି ଚଳଚ୍ଚିତ୍ର / ବିଜ୍ଞାପନ ଏବଂ ପଥପ୍ରାନ୍ତ ନାଟକ ଇତ୍ୟାଦି ମାଧ୍ୟମରେ ସଚେତନତା କରାଯାଇଛି । ପୂର୍ବ ତଟ ରେଳପଥ ମୁଖ୍ୟାଳ ଏବଂ ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିରାପତ୍ତା ବିଭାଗର ବରିଷ୍ଠ ଅଧିକାରୀମାନେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ରିଙ୍କେଶ ରାୟଙ୍କ ନେତୃତ୍ୱରେ ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସରେ ଆଜି ଅରୁଗୁଳ ଷ୍ଟେସନ ନିକଟସ୍ଥ ଜଗୁଆଳି ଥିବା ଲେଭେଲ କ୍ରସିଂ ଗେଟ୍ ନିକଟରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଆୟୋଜିତ ସମାବେଶକୁ ସୂଚନା ଦେଇ ଶ୍ରୀ ରାୟ କହିଛନ୍ତି ଯେ "ଜୀବନ ଆପଣଙ୍କ ସମୟ ଅପେକ୍ଷା ଅଧିକ ମୂଲ୍ୟବାନ ଅଟେ - ଲେଭଲ୍ କ୍ରସିଂ ଅତିକ୍ରମ କରିବାବେଳେ ଆପଣଙ୍କ ଜୀବନକୁ ବିପଦରେ ପକାନ୍ତୁ ନାହିଁ" । ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ, ଟ୍ରେନ୍ ଗୁଡ଼ିକର ଗତି ଅତ୍ୟନ୍ତ ଦ୍ରୁତ ଯାହାକି ଆପଣଙ୍କ ଭାବନା ଠାରୁ ଆହୁରି କ୍ଷିପ୍ର ଗତିରେ ରେଳ ଫାଟକ ଠାରେ ପହଞ୍ଚି ପାରେ, ତେଣୁ ଲେଭେଲ କ୍ରସିଂ ଦେଇ ଯିବାବେଳେ ସାବଧାନ ରୁହନ୍ତୁ ।ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ମାନବ ବିହୀନ ଲେଭଲ୍ କ୍ରସିଂ ଗେଟ୍ ଗୁଡିକ ପୂର୍ବ ତଟ ରେଳବାଇ ପରିସୀମା ମଧ୍ୟରୁ ଅପସାରଣ କରାଯାଇ ରୋଡ୍ ଓଭର ବ୍ରିଜ୍ (ROBs) ଏବଂ ରୋଡ୍ ଅଣ୍ଡର ବ୍ରିଜ୍ (RUBs) ର ବିକଳ୍ପ ଯାତାୟାତ ସୁବିଧା ଯୋଗାଇ ଦିଆଯାଇଅଛି । ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ପାଳନକୁ ସ୍ମରଣୀୟ କରିବାପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଅରୁଗୁଳ ଷ୍ଟେସନ ନିକଟସ୍ଥ ଲେଭେଲ କ୍ରସିଂ ଠାରେ ନିରାପତ୍ତା ସମ୍ବନ୍ଧୀୟ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ରେଳ ଫାଟକ ବ୍ୟବହାର କରିବା ସମୟରେ ପଥଚାରୀମାନଙ୍କୁ ସତର୍କ କରାଇବା ନିମନ୍ତେ ପ୍ରଚାର ପତ୍ର ବଣ୍ଟନ କରାଯିବ ସହିତ ପ୍ଲାକାର୍ଡ ଓ ବ୍ୟାନର ପ୍ରଦର୍ଶିତ କରାଯାଇଥିଲା । ନିରାପତ୍ତା ବିଭାଗର କର୍ମଚାରୀ ଓ ଅଧିକାରୀମାନେ ସଡକ ବ୍ୟବହାରକାରୀ ମାନଙ୍କୁ ଲେଭେଲ କ୍ରସିଂ ପାରହେବ ସମୟରେ ବିଭିନ୍ନ ନିୟମ ସମ୍ବନ୍ଧରେ ବୁଝାଇଥିଲେ ।

## ଶିବାଜୀ ପଟ୍ଟନାୟକଙ୍କ ସ୍ମୃତିରେ ରାଜ୍ୟ ସ୍ତରୀୟ ସ୍ମରଣ ସଭା

ଭୁବନେଶ୍ୱର : ତାରିଖ : (ପି.ଏନ): ଓଡିଶାର ସାମ୍ୟବାଦୀ ଆନ୍ଦୋଳନର ବର୍ଷିୟାନ୍ ନେତା, ସି.ପି.ଆଇ.(ଏମ୍)ର ପୂର୍ବତନ ରାଜ୍ୟ ସମ୍ପାଦକ , ଭୁବନେଶ୍ୱର ଲୋକସଭା ଆସନର ପୂର୍ବତନ ସାଂସଦ ତଥା ବିଶିଷ୍ଟ ଜନନେତା ପ୍ରୟାତ କମ୍ରେଡ୍ ଶିବାଜୀ ପଟ୍ଟନାୟକଙ୍କ ସ୍ମୃତିରେ ଏକ ରାଜ୍ୟ ସ୍ତରୀୟ ସ୍ମରଣ ସଭା ଜୁନ୍ ୧୧ ତାରିଖ ଦିନ ୧୧ଘଣ୍ଟାରେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ସଭାଗୃହରେ ଅନୁଷ୍ଠିତ ହେବ । ଏହି ସ୍ମରଣ ସଭାରେ ସି.ପି.ଆଇ.(ଏମ୍)ର ସାଧାରଣ ସମ୍ପାଦକ ଶ୍ରୀ ସୀତାରାମ ୟେଚୁରୀ, ପଲିଟ୍‌ବ୍ୟୁରୋ ସଦସ୍ୟ ଶ୍ରୀ ସୂର୍ଯ୍ୟକାନ୍ତ ମିଶ୍ରଙ୍କ ସମେତ ରାଜ୍ୟର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜିବୀ ଏବଂ ସକଳ ସ୍ତରର ଜନପ୍ରତିନିଧି ଉପସ୍ଥିତ ରହି ଏହି ପ୍ରୟାତ ନେତାଙ୍କ ଅମ୍ଳାନ ସ୍ମୃତିରେ ଶ୍ରଦ୍ଧା ସୁମନ ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି ।

# ଜୀ ସାର୍ଥକର ନୂଆ ସିନେମା ମୋ ପଣତ କାନିରେ ତୁର ଓ୍ୱାର୍ଲଡ଼



ଖୋର୍ଦ୍ଧା,(ପି.ଏନ): ଜୀ ସାର୍ଥକର ନୂଆ ସିନେମା ମୋ ପଣତ କାନିରେ ତୁର ଅଡ଼ିଓ ରିଲିଜ୍ ହୋଇଯାଇଛି । ଜୁନ୍ ୧୨ରେ ଫିଲିମ୍‌ଟି ଜୀସାର୍ଥକରେ ଓ୍ୱାର୍ଲଡ଼ ଟେଲିଭିଜନ୍ ପ୍ରିମିୟର ହୋଇଥିବା ବେଳେ ଏହାର କାହାଣୀ ଓ ଗୀତ ଗୁଡ଼ିକ ଲୋକପ୍ରିୟ ହେବ ବୋଲି ଜୀ ସାର୍ଥକ ପକ୍ଷରୁ ପ୍ରକାଶ କରାଯାଇଛି । ଫିଲିମ୍‌ର ଗୀତ ଗୁଡ଼ିକୁ ସଂଗୀତରେ ସଜାଇଛନ୍ତି ବୈଦ୍ୟନାଥ ଦାଶ, ଫିଲିମର ସବୁ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରା ଟିମ୍ ଆଶାବାଦୀ । ଗୀତ ଗୁଡ଼ିକୁ ରଚନା କରିଛନ୍ତି ଅରୁଣ ମନ୍ତ୍ରୀ, ଡ଼.ଶୁଭ ଦାସ, ସୂର୍ଯ୍ୟ ମହାପାତ୍ର, ନିହାର ପ୍ରିୟାଶିଷ ଓ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, କୁଲଦିପ୍ ପଟନାୟକ, ଶୁଭାଶିଷ ସାହୁ, ଅସୀମା ପଣ୍ଡା, ସଂଜୁ ଅର୍ପିତା ଚୌଧୁରୀ, ମ୍ୟୁଜିକ୍ ଆରେଞ୍ଜମେଂଟ କରିଛନ୍ତି ରାଜା, ଅନିଲ୍ । ଜୀସାର୍ଥକ ଫିଲିମ୍ ବ୍ୟାନରରେ ନିର୍ମାଣ ହେଉଛି ଏହି ନୂଆ ସିନେମା ମୋ ପଣତ କାନିରେ ତୁ ଏହି ଚଳଚିତ୍ରରେ ଦର୍ଶକ ଦେଖିବେ ନୂଆ ଯୋଡ଼ି ଜ୍ୟୋତିରଞ୍ଜନ ଓ ଶ୍ରଦ୍ଧାଙ୍କୁ । ଫିଲିମର ଆକର୍ଷଣ ରହିଛି ଭେଟରାନ୍ ଅଭିନେତ୍ରୀ ମହେଶ୍ୱତାଙ୍କ ସୀତାଦେବୀ ଭୂମିକାରେ ଅଭିନୟ । ଫିଲିମର ଅନ୍ୟ ଏକ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି କମେଡ଼ିୟାନ ହରିହର ମହାପାତ୍ର, ଅଭିନୟ ସାଙ୍ଗକୁ କାହାଣୀ ନିଜେ ହରିହର ଲେଖିଥିବା ବେଳେ ପିନୁ ନାୟକ ନିର୍ଦ୍ଦେଶନା ଦେଇଛନ୍ତି । ଫିଲିମର ପ୍ରଯୋଜନା କରିଛନ୍ତି ପ୍ରଦ୍ୟୁମ୍ନ ଲେଙ୍କା । ଜୀସାର୍ଥକ ପୂର୍ବରୁ ଦି ଦି ନମସ୍କାର ଓ ଡ଼ିଟେକଟିଭ କରନ ଅର୍ଜୁନ ଭଳି ଚଳଚିତ୍ର ଭେଟି ଦେଇଥିବା ବେଳେ ଜୁନ ୧୨ ତାରିଖ ସନ୍ଧ୍ୟା ୫.୩୦ମିରେ ଫିଲିମ୍ ମୋ ପଣତ କାନିରେ ତୁ ର ଓ୍ୱାର୍ଲଡ଼ ଟିଭି ପ୍ରିମିୟର ହେବ ।

# ଓଡ଼ିଶା ରାଜ୍ୟ ନ୍ୟୁ ଏଡେଡ୍ ବ୍ଲକଗ୍ରାଂଟ୍ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଆଲୋଚନାଚକ୍ର







ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ନୂଆକରି ସହାୟତା ପାଇଥିବା ବ୍ଲକଗ୍ରାଂଟ୍ ସ୍କୁଲ୍ ମାନଙ୍କରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ଏକ ଆଲୋଚନାଚକ୍ର ତଥା ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସମ୍ ହସ୍ପିଟାଲ ନିକଟସ୍ଥ ସାଁପୁର ମୌଜାର କଳିଙ୍ଗ ବିଦ୍ୟାପୀଠ ପ୍ରାଙ୍ଗଣରେ ଆଜି ଆୟୋଜିତ ହୋଇଥିବା ଏହି ସଭାରେ ରାଜ୍ୟର ବିଭିନ୍ନ ନ୍ୟୁ ଏଡ଼େଡ୍ ବ୍ଲକଗ୍ରାଂଟ୍ ସ୍କୁଲ୍ ମାନଙ୍କରୁ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ଉପସ୍ଥାପନ କରାଯାଇଥିଲା । ଅବସର ପରେ ପେନସନ୍, ଗ୍ରାଚୁଇଟି ଏବଂ ରିଟାୟାର୍ଡ଼ମେଂଟ୍ ବେନିଫିଟ୍ ଯୋଜନା ସେମାନଙ୍କ ପାଇଁ ଲାଗୁ କରିବା ପାଇଁ ସରକାରଙ୍କ ନିକଟରେ ବହୁବାର ଆଗରୁ ଦାବି କରିଥିଲେ ମଧ୍ୟ ସରକାର କିଛି ବିଚାର କରି ନ ଥିବାରୁ ସମସ୍ତେ ଗଭୀର ଦୁଃଖ ପ୍ରକାଶ କରିଥିଲେ ଏବଂ ନିଷ୍ପତି ନେଇଥିଲେ ଯେ, ପୁନର୍ବାର ସରକାରଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଦାବି ଏବଂ ସାମ୍ବିଧାନିକ ହକକୁ ତୁରନ୍ତ ଲାଗୁ କରିବାକୁ ଅନୁରୋଧ କରିବେ ତଥା ଲିଖିତ ଅଭିଯୋଗ ବି କରିବେ । ଯଦି ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି, ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇ ଆସିବେ ଏବଂ ଆଗାମୀ ବିଧାନସଭା ଅଧିବେଶନ ସମୟରେ ଆନ୍ଦୋଳନ କରିବେ ବୋଲି ସଂଘର ସାଧାରଣ ସମ୍ପାଦକ ରନ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି ।ଏଠାରେ ଉଲ୍ଲେଖନୀୟ ଯେ, ରାଜ୍ୟରେ ପାଖାପାଖି ୨ ହଜାରରୁ ଅଧିକ ନ୍ୟୁ ଏଡେଡ୍ ବ୍ଲକଗ୍ରାଂଟ୍ ସ୍କୁଲ ମାନଙ୍କରୁ ଶିକ୍ଷକ ଏବଂ କର୍ମଚାରୀମାନେ ଅବସର ଗ୍ରହଣ କରିସାରିଲେଣି । ଯେତେବେଳେ କି ଅନ୍ୟାନ୍ୟ କର୍ମଚାରୀମାନେ ୩୦/୩୫ ବର୍ଷ ସେବା ଯୋଗାଇ ଯେଉଁଭଳି ପେନସନ ପାଉଛନ୍ତି, ଏହି ବର୍ଗର କର୍ମଚାରୀମାନେ ଅବସର ପରେ ଖାଲି ହାତରେ ଘରକୁ ଯାଉଥିବାରୁ ସେମାନଙ୍କ ମଧ୍ୟରେ ଗଭୀର ଦୁଃଖ ସ୍ପଷ୍ଟ ବାରି ହୋଇପଡୁଥିଲା । ପୂର୍ବରୁ ମାନ୍ୟବର ହାଇକୋର୍ଟ ମଧ୍ୟ ସରକାରଙ୍କୁ ସେମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ବ୍ୟବସ୍ଥା କରିବାକୁ କହିଥିଲେ କିନ୍ତୁ ଏପର୍ଯ୍ୟନ୍ତ ସରକାର କିଛି ନ କରି ସେମାମାନଙ୍କୁ ହତାଶ କରିଛନ୍ତି ବୋଲି ସଂଘର ସଭାପତି ଗରୁଡ଼ ଚନ୍ଦ୍ର ସାହୁ ଏହି ସାମ୍ବାଦିକ ସମ୍ମିଳନୀରେ ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି ।

# ଧାନ ଏମଏସପିରେ ୧୦୦ ଟଙ୍କା ବୃଦ୍ଧି ଚାଷୀଙ୍କ ପାଇଁ ଆଶ୍ୱସ୍ତି ନୁହେଁ

ଭୁବନେଶ୍ୱର, (ପି.ଏନ): ଗତକାଲି କେନ୍ଦ୍ର ସରକାର ୨୦୨୨-୨୩ ଶସ୍ୟ ବିପଣନ ବର୍ଷ ପାଇଁ ୧୭ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଥିବା ବେଳେ ଏଥିରେ ଧାନ ଏମଏସପିରେ ଯେଉଁ ୧୦୦ଟଙ୍କା ବୃଦ୍ଧି କରିଛନ୍ତି, ତାହା ଚାଷୀଙ୍କ ପାଇଁ ଆଦୌ ଆଶ୍ୱସ୍ତିକର ନୁହେଁ । ଏଥିରେ ଓଡ଼ିଶା ଚାଷୀଙ୍କର କୌଣସି ଫାଇଦା ହେବ ନାହିଁ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । କାରଣ ଓଡ଼ିଶାର ଚାଷୀଙ୍କୁ ଏକ କ୍ୱିଣ୍ଟାଲ ଧାନ ଉତ୍ପାଦନ ପାଇଁ ୨୩୪୪ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ କେନ୍ଦ୍ର ସରକାର ଯେଉଁ ୨୦୪୦ ଟଙ୍କା ଏମଏସପି ରଖିଛନ୍ତି ଏଥିରେ ଚାଷୀର ପ୍ରତି କ୍ୱିଣ୍ଟାଲରେ ୩୦୪ଟଙ୍କା କ୍ଷତି ହେଉଛି । ଓଡ଼ିଶା ଧାନ ଉତ୍ପାଦନରେ ଏକ ଅଗ୍ରଣୀ ରାଜ୍ୟ । ଏଥି ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୯୩୦ ଟଙ୍କା ରଖିବାକୁ ୨୦୧୭ ମାର୍ଚ୍ଚ-୨୫ରେ ବିଧାନସଭାରେ ଏକ ସଂକଳ୍ପ ପାରିତ କରାଯାଇଥିଲା । ଏମଏସ୍‌ପି ବଢ଼ାଇବା ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବୀ ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ରାଜ୍ୟ ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ ଏ ଦିଗରେ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାର କର୍ଣ୍ଣପାତ କଲେ ନାହିଁ । ୨୦୧୪ରେ ଖୋଦ୍ ପ୍ରଧାନମନ୍ତ୍ରୀ ସ୍ୱାମୀନାଥନ୍ କମିଟି ସୁପାରିଶ ଆଧାରରେ କୃଷିଜାତ ଦ୍ରବ୍ୟର ଦେଡ଼ଗୁଣା ବୃଦ୍ଧି କରାଯିବା ପାଇଁ ଘୋଷଣା କରିଥିବା ବେଳେ ବର୍ତ୍ତମାନ ଚାଷୀଙ୍କୁ ଲାଭ ଦେବା ତ ଦୂରର କଥା, ଚାଷରେ ବିନିଯୋଗ କରୁଥିବା ଖର୍ଚ୍ଚର ମୂଲ୍ୟ ମଧ୍ୟ ଦିଆଯାଉ ନାହିଁ । ଏପରିସ୍ଥଳେ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣ ହେବ କିପରି ? ପଡ଼ୋଶୀ ଛତିଶଗଡ଼ ସରକାର ଧାନରେ ପ୍ରତି କ୍ୱିଣ୍ଟାଲ ପିଛା ଚାଷୀଙ୍କୁ ୫୦୦ ଟଙ୍କା ବୋନସ ଦେଉଥିବା ବେଳେ ରାଜ୍ୟ ସରକାର ଚାଷୀର କ୍ଷତି ଭରଣା ପାଇଁ କାହିଁକି ସେହି ଅନୁପାତରେ ୫ଶହ ଟଙ୍କା ବୋନସ୍ ଦେଉନାହାନ୍ତି ? ଖୋଦ୍ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲାର ସୋହେଲା ଚାଷୀ ସମାବେଶରେ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଦେବା କହିଥିବା କଥା ଗଲା କୁଆଡ଼େ ? ଚାଷୀମାନଙ୍କୁ ସବୁ ଫସଲରେ କିପରି ଏମଏସପି ମିଳିପାରିବ ସେ ନେଇ ରାଜ୍ୟ ସରକାର ପ୍ରସ୍ତାବ ରଖିବା କଥା । ଏବେ ମଧ୍ୟ ଓଡ଼ିଶାରେ ଚାଷୀ ଧାନରେ ନିର୍ଦ୍ଧାରିତ ଏମଏସପି ପାଉନାହାନ୍ତି । ଫଳରେ ୧୧ଶହ ୧୨ଶହ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି । ମୋଟାମୋଟି ଉପରେ ଚାଷୀଙ୍କ ଲାଭ ପାଇଁ କେନ୍ଦ୍ର ସରକାର ଏମଏସପିରେ ଆଇନଗତ ବ୍ୟବସ୍ଥା ଓ ଧାନ କ୍ୱିଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ । ଅନ୍ୟ ପକ୍ଷରେ କେନ୍ଦ୍ର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ନ କରିବା ପର୍ଯ୍ୟନ୍ତ ଓଡ଼ିଶା ସରକାର କ୍ୱିଣ୍ଟାଲ ପିଛା ଧାନରେ ୫୦୦ଟଙ୍କା ବୋନସ ଦେବାକୁ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବୀ କରିଛନ୍ତି ।

## ବାଣୀବିହାର ବସ୍ତିରେ ବିଭିନ୍ନ କାର୍ଯ୍ୟର ଶୁଭ ଉଦଘାଟନ

ଭୁବନେଶ୍ୱର,(ପି.ଏନ): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଭୁବନେଶ୍ୱର ମହାନଗର ନିଗମର ୧୭ ନମ୍ବର ଓାର୍ଡ ଅର୍ନ୍ତଗତ ବାଣୀବିହାର ବସ୍ତିରେ ଜାଗା ମିଶନର ପ୍ରଥମ କାର୍ଯ୍ୟ ରାସ୍ତା,ଡ୍ରେନ୍ ଓ ଲାଇଟ ଲାଗିବା କାମର ଶୁଭ ଉଦଘାଟନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ୧୭ ନମ୍ବର ଓାର୍ଡର କର୍ପୋରେଟର ପୂଜା ମହାରଣା ଯୋଗଦେଇ ଉଦଘାଟନ କରିବା ସହ କହିଥିଲେ ବସ୍ତିବାସିନ୍ଦାଙ୍କ ମଉଡମଣୀ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ବସ୍ତିର ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି । ଆମ ବିଧାୟକ ମଧ୍ୟ ସମସ୍ତ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ସହିତ ଆମକୁ ସାହାର୍ଯ୍ୟ ସହେଯାଗ କରୁଛନ୍ତି । ସେମାନଙ୍କ ଆଶୀର୍ବାଦରେ ଏଭଳି ବିକାଶଧାରା ଜାରି ରହିବ । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା ସମ୍ପାଦକ ଭୋଳାନାଥ ମହାରଣା,ବସ୍ତିର ସଭାପତି ହିମାଂଶୁ ରନ ରାଉତ,ଉପସଭାପତି ସୂର୍ଯ୍ୟକାନ୍ତ ରାଜ,ବସ୍ତିର ମୁରବୀ ଓ ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ । ସମସ୍ତଙ୍କୁ ଚାରା ବଣ୍ଟନ କରାଯାଇଥିଲା ।

# ଡିଏଭି କଳିଙ୍ଗ ନଗରରେ ବିଶ୍ୱ ସାଇକେଲ ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ): ଡିଏଭି କଳିଙ୍ଗ ନଗରରେବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ଅଧ୍ୟକ୍ଷତା କରି ପରିବହନର ଉତ୍ତମ ସାଧନ ସାଇକେଲ ଚାଳନା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ପରିବେଶ ପ୍ରଦୂଷଣମୁକ୍ତ ରହିଥାଏ ବୋଲି ତାଙ୍କ ଅଭିଭାଷଣରେ ବ୍ୟକ୍ତ କରିଥିଲେ । ଏହି ଦିବସର ଆଭିମୁଖ୍ୟ ତଥା ସାଇକେଲ ଚାଳନାର ଉପଯୋଗିତାକୁ ଉପଲବ୍ଧି କରି ସାଇକେଲ ଚାଳନାରେ ମନୋନିବେଶ କରିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ ମଧ କରିଥିଲେ । ବିଦ୍ୟାଳୟ ପରିସରରୁ ଏକ ସାଇକେଲ ରାଲି ବାହାରି ସମ୍ ହସ୍‌ପିଟାଲ ଛକ ପରିକ୍ରମା କରି ପୁନଃ ସ୍କୁଲ ପରିସରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଶାରୀରିକ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏ. ରବିଶଙ୍କର ଓ ଡକ୍ଟର ପ୍ରକାଶ ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ସ୍କୁଲର ପର୍ଯ୍ୟବେକ୍ଷକପର୍ଯ୍ୟବେକ୍ଷିକା ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନେ ମଧ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray